ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଦ୍ୱିତୀୟ ବର୍ଷ
ଅଷ୍ଟମ ସଂଖ୍ୟା
Vol: 2 Issue: 8
September, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

# ଆହ୍ୱାନ

## ଏହି ସଂସ୍କରଣରେ ରହିଛି

ସଂପାଦକୀୟ ୧
ଆମ ଗାଁ ହାଲ୍‌ଚାଲ୍ ୩
ନୂଆ ବୋହୂ ୫
ଜନ୍ମମାସରୁ ଜାଣନ୍ତୁ ଗୁଣ ୭
ମୂଲ୍ୟବାନ ସମୟ ୧୦
ଭାଦ୍ରବମାସରେ ଜଗନ୍ନାଥ ୧୧
ଓଡ଼ିଆ ସିନେମା ଆଉ ଆମେ ୧୩
ଆମରି ସ୍ୱର: କାହିଁ ସ୍ୱର ୧୫
ଶୁଖୁଆ: ଏକ ଅନନ୍ୟ ସଂରକ୍ଷିତ ଖାଦ୍ୟ ୧୭
ଶୂନ୍ୟ ମନ୍ଦିର ୨୦
ଶ୍ରୀ ଗୁରୁଦେବ ସ୍ମରଣେ ୨୩
ସନ୍ଧ୍ୟା ଫେରେ ୨୪
ଷାଠିଏ ବର୍ଷର ଚେତନା ୨୫
ଆମ ଠିକଣା ୨୬

ଡା ଜ୍ୟୋତି ପ୍ରସାଦ ପଟନାୟକ
ଏମ୍ ବି ବି ଏସ୍, ଡି ଏମ୍ ସି ଏଚ୍

ବୀମା ନଗର, ଆମ୍ବପୁଆ ମେଇନ୍ ରୋଡ୍
ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା
ଫୋନ୍: ୦୬୮୦-୩୨୯୬୫୩୨
ମୋବାଇଲ୍: ୦୯୮୬୧୯୬୨୧୬୦
aahwaan@gmail.com

## ସଂପାଦକୀୟ



ଚଳିତ ସଂସ୍କରଣର ଉପସ୍ଥାପନା ବେଳକୁ ସାମାନ୍ୟ ସ୍ୱାସ୍ଥ୍ୟଗତ ସମସ୍ୟା ଓ ବୈଷୟିକ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଏହି ସଂସ୍କରଣରେ ଦେଖାଯାଇଥିବା କିଞ୍ଚିତ୍ ଭୁଲକୁ କ୍ଷମା କରିଦେବେ। ପ୍ରଥମତଃ ନିଜର ପାଠପଢା ଓ ଚାକିରୀ ତଥା କ୍ଲିନିକ୍ ଓ ପରିବାରଜନିତ ସମସ୍ୟାର ସମ୍ମୁଖୀନ ହେଲାବେଳକୁ ଏହି ପତ୍ରିକାପାଇଁ ଆବଶ୍ୟକ ସମୟ ଯୋଗାଡ କରିବା ଅସମ୍ଭବ ହୋଇପଡୁଛି। ଗତ ଦୁଇଦିନ ହେଲା ମୋର କଂପ୍ୟୁଟରରେ କୌଣସି ସମସ୍ୟା ଦେଖାଯିବାପରେ ଏଥିରେ କୌଣସି ବି କାର୍ଯ୍ୟ କରିବା ସମ୍ଭବ ହୋଇପାରିଲା ନାହିଁ, ତେଣୁ ବାଧ୍ୟ ହୋଇ ପୁନର୍ବାର ସବୁ ଲେଖାକୁ ବସି ଟାଇପ୍ କରିବା ବେଳକୁ ସମୟର ଅଭାବ ଦେଖାଗଲା। ତେଣେ ପତ୍ରିକାପାଇଁ ଆବଶ୍ୟକ ସମସ୍ତ ଚିତ୍ର ତଥା ଆବଶ୍ୟକ ପଦାର୍ଥ ମୋର ଘରୋଇ କଂପ୍ୟୁଟରରେ ରହିଯାଇଥିବା ହେତୁ ଏହି ସଂସ୍କରଣ ଆପଣ ମାନଙ୍କୁ ଚିତ୍ର ବିହୀନ ଓ ରଙ୍ଗବିହୀନ ଲାଗିପାରେ। ତେଣୁ କ୍ଷମାଦେବେ।

ଚଳିତ ସଂସ୍କରଣର କିଛି ଦିନପୂର୍ବରୁ ଓଡିଶାରେ କନ୍ୟାଭ୍ରୂଣ ହତ୍ୟା ଶୀର୍ଷକ ସମ୍ବାଦର ବହୁଳ ପ୍ରଚାରପରେ କିଛି ବନ୍ଧୁ ଭାବ ବିହ୍ୱଳିତ ହୋଇ ନାରୀବିରୋଧୀ କିଛି ଗଳ୍ପ ଓ କବିତା ଆମ ନିକଟକୁ ପଠାଇଥିଲେ, କିନ୍ତୁ ସେହି ସମସ୍ତ ଲେଖାକୁ ଆମେ ବିନମ୍ର ସାମିଲ୍ କରିପାରିବୁ ନାହିଁ କହି ଫେରାଇ ଦେଇଥିଲୁ। ଏହା ପଛରେ କୌଣସି ନିହିତ ସ୍ୱାର୍ଥ ନଥିଲେ ସୁଦ୍ଧା, ଯେହେତୁ ନାରୀ କେବଳ ସଂହାରକାରିଣୀ ନୁହେଁ ବରଂ ସମସ୍ତ ଜଗତର ଜନନୀ, ତେଣୁ ଆମେ ନାରୀକୁ ଅପମାନ ହେବା ଭଳି କୌଣସି ଲେଖାକୁ ଏହି ପତ୍ରିକା ମାଧ୍ୟମରେ ପ୍ରକାଶିତ କରିବୁ ନାହିଁ। ଏହା ପୁରୁଷ ମାନଙ୍କ ପାଇଁ ମଧ୍ୟ ଉଦ୍ଦିଷ୍ଟ ରହିବ। କାରଣ ଜଣକୁ ଛାଡି ଆଉଜଣେ ଅସଂପୂର୍ଣ୍ଣ। ତେଣୁ କୌଣସି

ଦ୍ୱିତୀୟ ବର୍ଷ
ଅଷ୍ଟମ ସଂଖ୍ୟା
Vol: 2 Issue: 8
September, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଆହ୍ୱାନ

ଏକର ଅସମ୍ମାନ କରିବା ଆମେ ପ୍ରକାଶ କରିବା ଅନୁଚିତ ହେବ। ଯଦି ଆପଣଙ୍କ ମନରେ ତଥାପି କିଛି ପ୍ରଶ୍ନଥାଏ ତେବେ ବ୍ୟକ୍ତିଗତ ଭାବେ ଆମ ସହ ଯୋଗାଯୋଗ କଲେ ସେସବୁର ଉତ୍ତର ଆମେ ଦେଇପାରିବୁ।

ବର୍ଷାଋତୁର ଆଗମନ ପାଇଁ ଉଦ୍ଦିଷ୍ଟ କବିତା ଓ ଗଳ୍ପ ସବୁର ପ୍ରକାଶନ ସତ୍ତ୍ୱେ ଓଡିଆ ଆକାଶ ମେଘାଛନ୍ନ ଥିଲା କିନ୍ତୁ, ବର୍ଷାର ସାମାନ୍ୟ ଝଲକ ମିଳିଲା ନାହିଁ। ମେଘକୁ ଅପେକ୍ଷା କରି ଓଡିଆ ଚାଷୀ ହତାଶ ହେଲାବେଳକୁ କିଛି ଜିଲ୍ଲାରେ ବର୍ଷା ଚଳାଇଥିଲା ତାହାର ତାଣ୍ଡବଲୀଳା। ମୋଟାମୋଟି ଭାବରେ କହିବାକୁ ଗଲେ ଚଳିତ ବର୍ଷା ଋତୁ ଗ୍ରୀଷ୍ମ ସହ ଟକ୍କର ଦେଲାଭଳି ଜଣାପଡିଲା। ଓଡିଶାର ରାଜ୍ୟରାଜନୀତି ଯଦିଓ କୋରାପୁଟ୍ କଳାହାଣ୍ଡି ଓ ଗଜପତି ଜିଲ୍ଲାରେ ଭୟ ସଂଚାର କରିଥିବା ହଇଜା ଯୋଗୁଁ ଅସ୍ତବ୍ୟସ୍ତ ଥିଲା, ତଥାପି କହିବାକୁ ଗଲେ ବିଗତ କେଇ ଦଶନ୍ଧିଧରି ଚାଲିଆସୁଥିବା ସ୍ଥିରାବସ୍ଥା ଚଳିତ ମାସରେ ବି ଦେଖାଯାଇଥିଲା ଓଡିଶାର ରାଜନୀତିରେ।

ଭାରତୀୟ ସ୍ୱାଧୀନତାର ଷାଠିଏ ବର୍ଷପୂର୍ତ୍ତିର ସମାରୋହ ପାଳନ ହେଉଥିବା ବେଳେ ଓଡିଶାରେ ଷାଠିଏ ପ୍ରତିଶତରୁ ଅଧିକ ଲୋକ ଅନାହାରରେ ପିଡିତ ଥିବା ନିଶ୍ଚୟ ଆମମାନଙ୍କ ପାଇଁ ଏକ ଲଜ୍ଜାଜନକ ଖବର। ଯଦିଓ ଓଡିଶା ବାହାରେ ଓଡିଆ ଡାକ୍ତର ଓ ଇଞ୍ଜିନିୟର୍ ମାନଙ୍କର ଖୁବ୍ ଚାହିଦା ତଥାପି ଓଡିଶା ବାହାରେ ରହୁଥିବା ଅସଂଖ୍ୟ ଓଡିଆ ନିଜକୁ ଓଡିଆ ସ୍ରୋତରେ ସାମିଲ୍ କରିବାକୁ ପଛଘୁଞ୍ଚା ଦେବା ଆମ ପାଇଁ ଏକ ଲଜ୍ଜାଜନକ କଥା। ଯେଉଁ କେତେକ ଓଡିଆ ନିଜକୁ ବିଶ୍ୱଦରବାରରେ ପ୍ରତିଷ୍ଠିତ କରାଇ ପାରିଛନ୍ତି ସେମାନେ ଓଡିଶାପ୍ରତି ବିତସ୍ପୃହ ହେବା ନିଶ୍ଚୟ ଏକ ଅଶୁଭ ସଂକେତ। ଓଡିଶା ଭୂମିରେ ଜନ୍ମନେଇଥିବା ଅସଂଖ୍ୟ ସନ୍ତାନ ମାନଙ୍କ ଭିତରେ ପ୍ରତିଭାର ଅଭାବ ଏହାର ଏକ ଅଭାବନୀୟ ଉଦାହରଣ। ଷାଠିଏ ବର୍ଷର ଓଡିଶା କେବଳ ଦେଶକୁ ଦେଇଛି ଅସଂଖ୍ୟ ଖଣିଜଦ୍ରବ୍ୟ ଆଉ ହାଟମୁଠା କିଛି ଏମିତି ବ୍ୟକ୍ତିତ୍ୱ, ଯେଉଁମାନେ ନିଜର ପ୍ରତିଭା ବଳରେ ବିଶ୍ୱରେ ନିଜପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ନିର୍ମାଣ କରିପାରିଛନ୍ତି।

ବିତୃଷ୍ଣା ଓ ଅନାଗ୍ରହକୁ ଜାତୀୟ ଚରିତ୍ରରେ ସାମିଲ୍ କରିଦେଇ ଆମେ ସମସ୍ତେ ଗର୍ବ ଅନୁଭବ କରିବା ଆମେ ଓଡିଆ। ଆଗାମୀ ଷାଠିଏ ବର୍ଷରେ ବୋଧହୁଏ ଆମେ ଆହୁରି ଉନ୍ନତି କରିଥିବା, ଆମ ରାଜ୍ୟର ବିଜ୍ଞମାନେ ସର୍ବତ୍ର ରାଜୁତି କରୁଥିବେ ମାତ୍ର, ଓଡିଆଏ ଓଡିଆଙ୍କ ପରି ଗରିବ ହୋଇ ହିଁ ରହିଥିବେ ଏଥିରେ ଦୋରାୟ ନାହିଁ।

ଚଳିତ ସଂସ୍କରଣକୁ ଓଡିଆତ୍ୱର ଏକ ନିଦର୍ଶନ ଭାବି ଅଭାବ ଅଭାବରେ ପ୍ରକାଶିତ କରୁଥିବାରୁ କ୍ଷମାପ୍ରାର୍ଥୀ। ଆଶାକରୁଛି, ନାହିଁ ନାହିଁ ଭିତରେ ଆମେ ଶାନ୍ତିକୁ ଖୋଜି ପାଉଥିବା ଆଉ ହଜିଯାଉଥିବା କିଛି କ୍ଷଣପାଇଁ ଅଭାବ ଓ ଅସୁବିଧାକୁ ଦୁରେଇ ଦେଇ।

ଧନ୍ୟବାଦ।

ଆହ୍ୱାନ ପତ୍ରିକାର ପ୍ରତ୍ୟେକ ସଂସ୍କରଣକୁ ଆପଣମାନେ ସସ୍ନେହେ ସ୍ୱାଗତ କରୁଥିବା ହେତୁ ଆପଣ ମାନଙ୍କୁ ଏହି ପତ୍ରିକା ସଂପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯାଉଛି। ଅବଶ୍ୟ ଜଣେ ବ୍ୟକ୍ତି ପାଇଁ ମାତୃଭାଷାର ମୂଲ୍ୟ ଅମୂଲ୍ୟ ଏବଂ ଏହି ନ୍ୟାୟରେ ଆପଣ ମାନଙ୍କୁ ଏହି ପତ୍ରିକା ପରିବେଷଣ କରିବା ସମୟରେ ଯେଉଁ ଆତ୍ମତୃପ୍ତି ଉପଲବ୍ଧି ହେଉଛି, ତାହା ଅବର୍ଣ୍ଣନୀୟ। ବିଗତ ଦୁଇବର୍ଷର ପ୍ରତ୍ୟେକ ମାସ ପରି ଚଳିତ ସଂସ୍କରଣ ସମେତ ଆଗାମୀ ସମସ୍ତ ସଂସ୍କରଣକୁ ସଂପୂର୍ଣ୍ଣ ନିଃଶୁଳ୍କ ରଖିବା ପାଇଁ ଆବଶ୍ୟକ ଆପଣଙ୍କ ପରି ପାଠକଙ୍କ ପୃଷ୍ଠପୋଷକତା। ଯଦି ଆପଣ ଭାବୁଥାଆନ୍ତି ଯେ ଏହି ପତ୍ରିକା ଦ୍ୱାରା ଆପଣ କିଛି ମାତ୍ରାରେ ଲାଭବାନ ହେଉଛନ୍ତି, ସୁଦୂର ବିଦେଶରେ ଥାଇ ବି ନିଜର ପରିବାରକୁ ସଂପୂର୍ଣ୍ଣ ଓଡିଆରେ ଲିଖିତ ଏକ ପତ୍ରିକା ପାଠ କରାଇ ପାରୁଛନ୍ତି, ତେବେ ଆପଣ ଆମକୁ ସାହାଯ୍ୟ କରନ୍ତୁ। ଆର୍ଥିକ ସାହାଯ୍ୟ ଦ୍ୱାରା ଏହି ପତ୍ରିକା ପ୍ରକାଶନ ସମ୍ଭବ ହେଉଥିବାରୁ, ସାହାତ୍ୟିକ କୃତି ସହିତ ଆର୍ଥିକ ସହାୟତା ଦେଇ ଆମକୁ ସାହାଯ୍ୟ କରନ୍ତୁ।

ଦ୍ୱିତୀୟ ବର୍ଷ
ଅଷ୍ଟମ ସଂଖ୍ୟା
Vol: 2 Issue: 8
September, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
ଆହ୍ୱାନ

# ଆମ ଗାଁ ହାଲ୍‌ଚାଲ

ରଜ ସରିଗଲା । ଯିଏ ଯାହାର ଜମିଜମାରେ ଲାଗିଲେ । ହଳଧରି ବିଲକୁ ଧାଇଁବା ବେଳକୁ ହିଡରେ ପାଦଖସି ଗୋଡ ଭାଙ୍ଗିଗଲା ରମେଶିଆର । ପଧାନଘର ଦିଣ୍ଡାପୁଅଟା ଏ ସନ କ୍ଷେତକୁ ଯିବା ମନା ହେଇଗଲା । ଦାଣ୍ଡ ପିଣ୍ଡାଟାରେ ବସି ଗୋଡଉପରେ ଡାକ୍ତର ବାନ୍ଧିଥିବା ଇଞ୍ଜେବହଳର ଧୋବଧଉଳିଆ ଅଖାଭଳିଆ ପ୍ଲାଷ୍ଟରକୁ ଅଣ୍ଡାଳୁ ଅଣ୍ଡାଳୁ ଆଖିରେ ଦୁଇ ଧାର ଲୁହ ଆସିଗଲା । ଏସନ ବର୍ଷା ଯେମିତି ହେଇଥିଲା, ଆଉ ଯଦି ଦି ଟା ଦିନ ହଳ ଚଲେଇଥାନ୍ତା, ଧାନର ଭାର ବୋହିବାକୁ ଶଗଡ କମ ପଡିଥାନ୍ତା । ଏକା ନନାଟା କେତେ ଖଟିବ । ବୟସ ବି ଗଲାଣି । ବଳଦି ଦିଟାକୁ ବାନ୍ଧିଲା ବେଳକୁ ଅଣ୍ଟା ନଇଁଯିବ, ଆଉ ତା ଭଳିଆ ଭେଣ୍ଡିଆ ପୁଅଟେ ଗୋଡ ଖସି ପଡିଗଲା, ଆଉ ବାପ ଟା ବା କେତେ ବଳ ପାଇବ ।

ଦିପହର ବେଳକୁ ଘର ଭିତରୁ ବୋଉ ପାଟି କରି କହିଲା, ଖାଇବା ପାଇଁ, ମନ ଦୁଃଖରେ ରମେଶ ଖାଇବା କଥା ଭୁଲି ଯାଇଥିଲା । କରଣେ ସ୍କୁଲ୍‌ରୁ ଫେରୁ ଫେରୁ ରମେଶିଆ ପାଖରେ ଅଟକି ଯାଇ କହିଲେ, 'କିରେ ଖାଇଲୁଣି?' ମୁଣ୍ଡ ଟୁଙ୍ଗାରି ରମେଶ ମନାକଲାରୁ ମାଷ୍ଟ୍ରେ ସାମାନ୍ୟ ହସିଦେଇ କହିଲେ, 'ବାବୁରେ, କଥାରେ ଅଛି, ମର୍ତ୍ତ୍ୟମଣ୍ଡଳେ ଦେହ ବହି ଦେବତା ହେଲେହେଁ ମରଇ । ଭଲମନ୍ଦ ସବୁ ଅଛି ଏଇ ଦୁନିଆରେ । ଯା ଖାଇଦେ । ଦିନା କେଇଟାରେ ତୋର ବି ହାତପାଦ ସଳଖିଯିବ, ସେତେବେଳେ ନନାକୁ ହାତଦେବୁ ଯା । ତଳିପକା ବେଳକୁ ସବୁ ଠିକ୍ ହେଇଯିବ ।' ରମେଶର ମୁହଁ ଉଜ୍ଜଳ ହୋଇଗଲା, ମନେ ମନେ ଭାବୁଥିଲା, 'ସତରେ ମାଷ୍ଟ୍ରେ ଭାରି ଜ୍ଞାନୀ, କେମିତି ଦି ପଦ କହି ମନକୁ ହାଲକା କରିଦେଲେ ।' ସେ ଘରକୁ ଯାଇ ଖାଇବାକୁ ବସିଲା ।

ବାଡିରୁ ନନା ପାଟିକରି ଡାକ ପକାଇଲେ, 'ରମେଇବୋଉ, ହଇହେ ଇଆଡେ ଟିକେ ଆଇଲ । ଦେଖ ତ ଗୁହାଳରେ କିସଗୁଟେ ଅଛି ନା କ'ଣ? ହ ହ ' କହି ବଳଦ ଦିଟାକୁ ଭିଡି ଧରୁ ଧରୁ ବଳଦ ଦିଟା ହାତ ଛଡାଇ ଦଉଡି ପଳାଇଗଲେ । ରମେଶ କଣ୍ଠରୁ ଖାଦ୍ୟ ତଳକୁ ଗଲାନି । ବୋଉ ବାଡିକୁ ଯାଉ ଯାଉ ସାପ ସାପ ବୋଲି ଚିଲ୍ଲେଇ ଉଠିଲା । ହଠାତ୍ ନିଜ ସ୍ଥାନରୁ ଉଠିପଡି ଧାଇଁ ଯିବାକୁ ଚେଷ୍ଟାକରୁ କରୁ ଅଟକି ଗଲା, ରମେଶ । ଆଖିର ଲୁହଧାର ଦିଟା ଆଉଥରେ ନିର୍ଝରିଣୀ ହୋଇ ବହିବାକୁ ଲାଗିଲେ । ବାପମା ମିଶି ସାପକୁ କେତେ ଘଉଡାଇବାକୁ ଚେଷ୍ଟାକଲେ ବି ସାପ ଯିବାର ନାଁ ଧରିଲା ନାହିଁ ଅଗତ୍ୟା ରମେଶ ଛୋଟେଇ ଛୋଟେଇ ଗୁହାଳକୁ ଯାଇ ଅନ୍ଧାରରେ ହାତ ବଡାଇ ସାପର ଲାଞ୍ଜଧରି ବାହାରକୁ ଟାଣି ଆଣିଲା । ବୁଲି ପଡି ଚୋଟ ମାରିବା ପୂର୍ବରୁ ରମେଶ ସାପକୁ ଦୁରକୁ ଫୋପାଡିଦେଲା, ଆଉ ସେଇଠି ବସିପଡିଲା ।

ସଞ୍ଜ ବେଳକୁ ଗାଁ ସାରା ଜାଣିସାରିଥିଲେ ଯେ ହାଡ ଭାଙ୍ଗିଲେ ବି ରମେଶର ବଳ ଯାଇନି, ନଇଲେ ସେ ଯୋଉ ଭିଡରେ ସାପ ଧରିଲା, କାହାର ଯୁ ଅଛି ନା? କୋଠଘରେ ମୃଦଙ୍ଗ ବଜାଇ ବଜାଇ ମନକୁ ହାଲୁକା କରିବାକୁ ଚେଷ୍ଟା କରୁଥିଲା, ରମେଶ । ହଠାତ୍ କିଏ ଜଣେ ଚିଲ୍ଲେଇ ଉଠିଲା, 'ସାପ ସାପ' । ରମେଶ ପୁଣି ଝପଟି ଯାଇ ସାପକୁ ଧରିଲା ଆଉ ବାହାରକୁ ଫୋପାଡି ଦେଲା, କିନ୍ତୁ ହାଁ ହାଁ କରୁ କରୁ ଲୋକମାନେ ସାପଟାକୁ ମାରିଦେଲେ । କୋଠଘର ପିଣ୍ଡାରେ ବସିଥିଲା, ଗଁତେଇ କହିଲା, 'କିରେ, ରମେଶିଆଟା କଣ ପାପ କରିଚି କିରେ? ଦେଖୁନୁ ସକାଳୁ ସକାଳୁ ବିନା କାରଣରେ ହାଡ ଭାଙ୍ଗିଗଲା, ଦିପହରକୁ ତା'ବାପକୁ ସାପ ମାରି ଗୋଡାଇଲା, ଏଇ ସଞ୍ଜବେଳକୁ ସିଏ ଏଠି ଅଛି ବୋଲିସିନା ସାପ ଆସିଲା ।' ଗନ୍ତେଇ କଥାଶୁଣି ହରିଆ କହିଲା, 'ଥାଉ, ସେ କଥା କହନା । ଆରେ ସାପ ତ ସାପ । କେଉଠି ଆସିବ ଯିବ କିଏ କହିବ । ରମେଶ ସହିତ ତାର କିସ ସଂପର୍କ ।'

କଥାଟା ଧିରେ ଧିରେ ଏକରୁ ଦୁଇ, ଦୁଇରୁ ଚାରି ହେଇ ପୁରା କୋଠଘରେ ବ୍ୟାପୀ ଗଲା । ବଳିଆ କହିଲା, ସାପ ବାହରିଲା ମାନେ ଶିବ ମହାପ୍ରଭୁଙ୍କ ଅପମାନ କରିଚି ନିଷ୍ଚୟ ।

ହରିଆ କହିଲା, ହଁ ସାପଟା ବୋଇଲେ ଶିବଙ୍କ ବେକରେ ଥିବା ଲୋକ। ସେ ଆଇଚେନ୍ତି ବେଇଲେ, ନିଶ୍ଚୟ ଇୟେ କିସ କରିଥିବ। ଗନ୍ତେଇର ବୁଡୀମା' କହିଲା, ଦିକୋଡି ବରଷ ତଳେ ଏମିତି ସାପ ବାହାରିଥିଲା, ଗାଁରେ ଦି ଯୋଡା ଯୁଆନ୍ ଟୋକାକୁ ଖାଇଲା। ହରିଆ କହିଲା, 'ହେଲେ କିସ କଲେ ଲୁକମାନେ ସେଇଟା କହୁନୁ। ଆମେ କରିବା।' ଗନ୍ତେଇ ଘର ବୁଡୀ କହିଲା, 'ଆଘେ ସେ ଦି ଚାରି ଜଣକୁ ଦଂଶିବ, ବୋଇଲେ ଏକା ଯିବ, ନହେଲେ କେତେ କିସ କଲେ କଣ ହେବ?' ସାପ କଥା ଶୁଣିଦେଇ କାର୍ଜି ହସିଦେଇ କହିଲେ, 'ହଇରେ ତମେ ସବୁ ଗୁଡାକ ବାଇଆ ହେଲଣି ନା କ'ଣ? ସାପ ତ ସାପ। କୁଆଡୁ ଆସିଲା, କିଏ ପଠେଇଲା, କାହାକୁ ଖାଇବ ଏତେ କଥା କଣ ସବୁ ହେଉଚ। ଯାଅ ମଠ ଗାଁରୁ ସୋମାଧୋବାକୁ ଡାକି ଆଣିବ, ସିଏ ଆସିଲେ ମନ୍ତ୍ର ଫୁଙ୍କିଦେବ ଯେ ସାପ ଉହ୍ୟ ହେଇଯିବ।

ସକାଳୁ ସକାଳୁ ସୋମାଧୋବା ଅଖାଟେ ଧରି ଗାଁରେ ଆସି ହାଜର। କାର୍ଜିଙ୍କୁ ଜୁହାର କରି କହିଲା, ସାହୁକାରେ ଆଜ୍ଞା ଦେଲେ ସାପକୁ ଧରି ନେବି। କାର୍ଜି କହିଲେ, ଯାଅ ଦେଖ, ଧରି ନିଅ। ସେଇଠୁ ସାପ ଧରା ଆରମ୍ଭ ହେଲା। ଗାଁଟା ଯାକ ଲୋକ ଏକାଠି ଗାଁ ଦାଣ୍ଡରେ ସୋମାଧୋବା ପଛରେ ପଛରେ ବୁଲିଲେ। ସେ ମନାକଲା, ହେଲେ ଶୁଣିବ କିଏ। ସମସ୍ତଙ୍କୁ ନିଜ ନିଜ ପ୍ରାଣ ଭୟ, ଆଉ ସିଆଡେ ଗନ୍ତେଇ ବୁଡୀ କହିଛି ସାପ ମାରିବ। ଶେଷରେ ସୋମାଧୋବା ଅଟକିଯାଇ ମନ୍ତ୍ର ଫୁଙ୍କିଲା। କହିଲା ଆଉ ଭୟ ନାହିଁ, ସାପ ଯୋଉଠି ବି ଥାଉ, ଆଉ ଲୋକଙ୍କୁ ଛୁଇଁବ ନାହିଁ। ତା'ପରେ ରମେଶିଆ ଘର ସାମନାରେ ଆସି ଅଟକିଗଲା। ପଛରୁ କିଏ ଗୋଟେ ପାଟି କରି କହିଲେ, ଏଇ ଘରୁ ହିଁ ସାପ ବାହାରିଥିଲା। ମୁଣ୍ଡ ଟୁଙ୍ଗାରି ସୋମାଧୋବା କହିଲା, 'ହୁଁ ଜାଣିପାରୁଛି।'

ତା'ପରେ ଅଧଘଣ୍ଟାର ଚେଷ୍ଟା ସରିଲା ପରେ ଦେଖାଗଲା ସାପ। ରମେଶିଆର ବାଡି ଧାନ କୋତ (ଗୋଟିଏ ବଡ ବାଉଁଶ ତିଆରି ସ୍ଥାନ ଯେଉଁଥିରେ ଧାନ ରହେ) ତଳେ ଭଉଁରୀ ପକାଇ ବସିଛି। ସୋମାଧୋବା ହାତ ବଢାଇ ସାପର ଲାଞ୍ଜ ଧରି ଟାଣିଲା। ସବୁ ଲୋକ ଟିକେ ଟିକେ ପଛକୁ ଘୁଞ୍ଚିଗଲେ। ସାପ ବୁଲି ପଡି ଚୋଟ ମାରୁ ମାରୁ ସୋମାଧୋବା ପକେଟରୁ ବାହାର କରି କଣ ଗୋଟେ ଦେଖାଇ ଦେଲା, ଯେ ସାପ ପଥର ପାଲଟି ଗଲା ପରି ଠିଆ ହୋଇ ରହିଲା ସିନା, ଘୁଞ୍ଚିପାରିଲା ନାହିଁ। ଧିରେ କରି ସାପକୁ ଆଣି ଅଖାରେ ପୁରେଇଦେଲା। ଦିପହର ବେଳକୁ ଗାଁ ଦାଣ୍ଡରେ ସଗର୍ବେ ସୋମାଧୋବା ଅଖାରେ ସାପ ଧରି ଚାଲିଲା। କାର୍ଜି ଖୁସ୍ ହେଇକି ସୋମାଧୋବାକୁ ଦିଟଙ୍କା ଦେଲେ। ସୋମାଧୋବା ପଛେ ପଛେ ଲୋକ ଗାଁ ମୁଣ୍ଡ ପର୍ଯ୍ୟନ୍ତ ଗଲେ। ଗାଁରେ ସମସ୍ତେ ଖୁସିରେ ରହିଲେ। ଏହି ସମୟରେ ହଠାତ୍ ବାଇଧରର ବୋଉ ରଡିଟେ ଛାଡି ତଳେ ପଡିଗଲା। ସବୁଲୋକ ଉଠି ଦଉଡିଲେ। ଦେଖିଲା ବେଳକୁ ବାଇଧରର ବୋଉ ଜମିରେ ପଡିଛି, ହୋସ୍ ନାହିଁ, ମୁହଁରେ ପାଣି ଛାଟିଲା ପରେ ହୋସ୍ ଆସିଲା। ସମସ୍ତଙ୍କ ମୁହଁକୁ ଚାହିଁ କହିଲା, 'ସାପ'।

ହା ହା ହି ହି ହସରେ ଘର କଂପି ଉଠିଲା। ଚାରେଣୀ କହିଲା, ବୁଝିଲୁ ନାନୀ ତୁ ବାଇଆ ହେଇଗଲୁ, ହଇଲୋ ସୋମାଧୋବା ପରା ଏବେ ସାପ ଧରି ଗଲା। ବାଇଧରିଆର ବୋଉ ଆଁଟା କରି ସମସ୍ତଙ୍କୁ ଚାହିଁଲା, ଏଇ ସମୟରେ ହଠାତ୍ ପଡିଶା ଘରୁ ସାପ ସାପ ବୋଲି ଚିଲ୍ଲାଇବା ଶୁଣି ଲୋକେ ସେଇଠି ଯାଇ ପହଞ୍ଚିଲେ, ଦେଖିଲା ବେଳକୁ ସତକୁ ସତ ଅଗଣାରେ ଫଣାଟେକି ନାଗ ସାପଟେ ଠିଆ ହୋଇଛି। ଚାରି ପାଖରେ ଲୋକ ଘେରି ଯିବାପରେ ବାହାରି ଯିବାର ଅନିଶ୍ଚିତତା ଯୋଗୁଁ ସାପ ବିକଳରେ ଫଣା ଟେକି ଫଁ ଫଁ ହେଉଥାଏ। ସାଙ୍ଗେ ସାଙ୍ଗେ ସାରିଆ ନାନୀ ଗିନାରେ ଦୁଧଟିକେ ଆଣି ଦେଲା। ହେଲେ ସାପର କୋଉ ବଳଥାଏ ମୁଣ୍ଡ ନୁଆଁଇ ଦୁଧ ପିଇବା ପାଇଁ, କାଳେ କିଏ ପ୍ରହାରା କରିବ। ତେଣେ ଦେଖୁ ଦେଖୁ ସାରିଆ ଘରଟା ମନ୍ଦିର ହୋଇଗଲା। କିଏ ଭଜନ ଗାଇଲା ତ କିଏ କାହାଣୀ କହିଲା। ଗାଁର ଏମିତି କା ଅବସ୍ଥା ଦେଖି କାର୍ଜି ପୁଣି ସୋମାଧୋବାକୁ ଡକାକଲେ। ସୋମାଧୋବା ଆସିଲା, ପୁଣି ଗୋଟିଏ ସାପ ଧରି ଗଲା। ତେଣେ ଗାଁରେ ଆଉ କାହାକୁ

ଦ୍ୱିତୀୟ ବର୍ଷ
ଅଷ୍ଟମ ସଂଖ୍ୟା
Vol: 2 Issue: 8
September, 2007
ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
ଆହ୍ୱାନ

ନିଦ ହେଲାନି । ରାତିରେ ଘରେ ଡିବି ଜାଳି ଲୋକେ ଚେତା ରହିଲେ, ପିଲାପିଚିକା ଧରି ସଂସାର କରିଥିବା ଲୋକମାନେ, ସାପ ଭୟରେ ରାତିରେ ବାହାରକୁ ଗଲେ ନାହିଁ ।

ତିନିଦିନ ବିତିଗଲା, ସାପ ଦିଶିଲାନି ସତ ହେଲେ ଲାଗୁଥିଲା ଲୋକଙ୍କ ମନରେ ସାପ ଘର କରିଗଲା । ଏଣେ ରମେଶିଆର ଦୁଃଖ ବଢିଲା ସିନା କମିଲା ନାହିଁ । ଘରୁ ବାହାରିଲେ ଲୋକ ତା'କୁ ହିଁ ଦୋଷ ଦେଲେ । ଶେଷରେ ରମେଶିଆର ବାପା କହିଲା, ଯଜ୍ଞ କରିବ । ପୁଅର ପାପର ପ୍ରାୟଶ୍ଚିତ କରିବ । ଗାଁ କୋଠଘର ପୂଜାରୀ ଲିଷ୍ଟ କରିଦେଲେ, ସାମାନ ଆସିଲା । ଚାରିଘଣ୍ଟା ମନ୍ତ୍ରତନ୍ତ୍ର ଫୁଙ୍କି ପୂଜା ହେଲା । ଚରୁକାଠିରେ ପୂଜାରୀ ରମେଶିଆର ଘର ଚାରିପାଖରେ ଗାର ଟାଣିଦେଲେ, ଆଉ ସାପ ଆସିପାରିବନି ବୋଲି ଆଶ୍ୱାସନା ଦେଲେ । ଗାଁ ଲୋକଙ୍କୁ ଭୋଗରାଗ ଦେଇ ସବୁ ଚାରିଶହ ଟଙ୍କା ଖର୍ଚ୍ଚହେଲା । ରମେଶିଆ ଆଖିରେ ଲୁହ ଆସିଲା । କହିଲା, 'ନନା, ମୋ ପାଇଁ ଆଜି ଚାରିଶହ ଟଙ୍କା ଖରଚ କରିଦେଲ । ଆଉ ଆମେ ଖାଇବା କଣ?' ତା ନନା ଆଖିର ଲୁହକୁ ଲୁଚେଇ ଦେଇ କହିଲା, 'ତୋ ଭଳିଆ ଭେଣ୍ଡା ପୁଅଟେ ଥିଲେ ମୋର ଆଉ କିସ ଅଭାବ ଅଛିରେ । ଯା ଆଜି ସିନା ତୋ ଦେହ ଖରାପ ଅଛି ମାଷ୍ଟ୍ରେ କହୁଥିଲେ ଧାନ ତଳିପକା ବେଳକୁ ତୋ ହାତ ସଳଖି ଯିବ । ଦେଖିବା ଗାଁରେ କୋଉ ଲୋକର ସାହାସ ଅଛି, ତୋ ଭଳିଆ ଚାଷ କରିବାପାଇଁ ।

ଦେଖୁ ଦେଖୁ ପନ୍ଦରଟି ଦିନ ବିତିଗଲା । ଗାଁରୁ ସାପର ଭୟ ବାହାରି ଗଲା । ରମେଶିଆ ଡାକ୍ତରଖାନା ଯାଇ ହାତରେ ବନ୍ଧା ହେଇଥିବା ପ୍ଲାଷ୍ଟରଟା ଫିଟେଇ ଆସିଲା । ସେ ସନ ଜମିରେ ଖୁବ୍ ହଳ ଚଲେଇଥିଲା ସେ । ଯାହା ହେଲେ ବି ଓଡିଆ ଘରର ଚଷା ପିଲା, ସେ କଣ ଏମିତି ଟିକି ଟିକି କଥାରେ ହାର ମାନିବ?

Visit our New Section
Aahwaan Infotech
http://aahwaan.5gbfree.com/info.html

# ନୂଆ ବୋହୂ

ଆଖିରୁ ଲୁହ ପୋଛୁ ପୋଛୁ ନିର୍ମଳା କହିଲା, 'ବୋଉଲୋ, ଆଜି ତୋ ପାଇଁ ମୋ ଘର ଭାଙ୍ଗିଗଲା ।' ନିର୍ମଳାବୋଉ ଦୁଆରବନ୍ଧକୁ ଆଉଜି ଠିଆ ହେଇଥିଲା । ଆଖିରୁ ଲୁହଟୋପାକୁ ଲୁଗାକାନିରେ ପୋଛୁ ପୋଛୁ କହିଲା, 'ହଁ, ତୁ ଏଇ କଥା କହିବୁନି ଆଉ କିଏ କହିବ? କଣ ଅଭାବ କରିଥିଲି ତୋତେ? ପିଲାଟାରୁ ଏତୁଟିଏ ହେଲା ପର୍ଯ୍ୟନ୍ତ ସବୁ ସୁଖ ସୁବିଧା ଦେଇଥିଲି ବୋଲି ଆଜି ତୁ ମୋତେ ଏତେ ବଡ କଥାଟେ କହିଦେଲୁ ସିନା ।'

ଘର ଭିତରକୁ ପଶୁ ପଶୁ ଝିଅକୁ ଦେଖି ନିର୍ମଳାର ବାପା ଖୁସି ହେଇ କହିଲେ, 'ଘରକୁ ଝିଅଟା ଏତେ ଦିନରେ ଆସିଛି, ଯେ ଦୁଆରେ ବସାଇ କନ୍ଦାକଟା କରୁଚ । ଚାଲ ଭିତରକୁ ଚାଲ ।' ନିର୍ମଳା ନଇଁପଡି ବାପାଙ୍କ ପାଦରେ ମୁଣ୍ଡିଆ ମାରି କହିଲା, 'ନାଇଁ ବାପା ମୁଁ ପଳେଇବି ।' ବାପା ଆଶ୍ଚର୍ଯ୍ୟ ହେଇପଡିଲେ, ପ୍ରଥମତଃ କେବେ ପାଦ ଛୁଇଁ ମୁଣ୍ଡିଆ ମାରିନଥିବା ଝିଅଟା ହଠାତ୍ ପାଦ ଛୁଇଁ ମୁଣ୍ଡିଆ ମାରିଲା, ଆଉ ଦ୍ୱିତୀୟରେ ଗେଲ୍ଲି ଝିଅଟା ଏତେ ଦିନରେ ଘରକୁ ଆସି ଦୁଆରୁ ଦୁଆରୁ ପଳାଇବା । ସେ କିଛି ବୁଝିଲା ପୂର୍ବରୁ ନିର୍ମଳା କହିଲା, 'ବାପା ମୋ ପାଇଁ ରିକ୍ସାଟେ ବୁଝିଦିଅ । ମୁଁ ଏବେ ବାହାରି ଯିବି ।' ବାପାର କେତେ ବୁଝାଇବା ପରେ ବି ସେ ବାହାରିଗଲା । କଥା କଣ ବୁଝିବାପାଇଁ ବୋଉଠୁ ସବୁ ଶୁଣିଦେବ ବୋଲି କହି ଚାଲିଗଲା ।

ନିର୍ମଳା ଗଲାପରେ ସେ କଥା ବୁ କୁଆଡେ ପଳାଇଲା । ମାସେ ଦି ମାସ ବିତିଗଲା ସିନା କିଛି ଖବର ମିଳିଲା ନାହିଁ, ନାଁ ଚିଠି ନା ଫୋନ୍ । ବାପା ଭାରି ଚିନ୍ତାରେ ପଡିଗଲେ । ଦିନେ ବାହାରିଲେ ଝିଅ ଘର ଆଡେ ବୁଲି ଆସିବା ପାଇଁ, ବୋଉ ମନା କରିଦେଲା, ହେଲେ ବାପା ଏକା ଏକା ଯାଇ ଦେଖିଲେ, ଝିଅ କଥା ବୁଝି ଘରକୁ ଫେରି ସନ୍ଧ୍ୟାରେ ପିଣ୍ଡାରେ ବସି କଥା ହେଉ ହେଉ କହିଲେ, 'ତୁମେ ଜମା ବଦଳି ନାହଁ, ନିର୍ମଳା ମା'

ଦ୍ୱିତୀୟ ବର୍ଷ
ଅଷ୍ଟମ ସଂଖ୍ୟା
Vol: 2 Issue: 8
September, 2007
ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
ଆହ୍ୱାନ

ଭାବିଥିଲି, ଝିଅ ଶାଶୁଘର ଗଲାବେଳକୁ ତୁମେ ସୁଧରି ଯାଇଥିବ ହେଲେ,' ନିର୍ମଳା ମା ପାଟି କରି କହିଲେ, 'ତୁମକୁ ମୁଁ କେବେ ଭଲ ଲାଗିଥିଲି ଯେ ଏବେ ଲାଗିବି, କହୁନ କୁହ, ଯାହା ମନକୁ ଆସୁଛି କୁହ। ଦୁନିଆରେ କଣ ହଉଚି, ତୁମେ କଣ ଜାଣିବ। ଝିଅ ଘର କେତେ ଭଲମନ୍ଦ ସବୁ ମୁଁ ବୁଝୁଛି, ତୁମେ ଦିନେ ଯାଇ ଦେଖିଥିଲ, ତା'ଘରେ କଣ ହେଉଛି?'

ନିର୍ମଳା ବାପା ନିରବରେ କହିଲେ, 'ଆଜି ଯାଇ ଦେଖି ଆସିଲି। କଣ ହେଉଛି ଆଉ କଣ ନାହିଁ ସେ କଥା ବୁଝିବା ଶକ୍ତି ମୋର ଯଥେଷ୍ଟ ଅଛି। ସାରା ଜୀବନ ଖାଲି ପାଟିକରି ଧମକାଇ ଚମକାଇ ଘରେ ସବୁ କଥା ମନାଇ ନେଇଛ ବୋଲି ଝିଅକୁ ଭଲ ଗୁଣ ଦିଟା ବି ଶିଖାଇ ପାରିଲନି। ସେଇ ରୀତିନୀତି ଧରି ଯୋଉ ଘର କରିବାକୁ ଯାଇଥିଲା, ସେଥିରେ ତା' ଘର ଭାଙ୍ଗିବନି ତ ଆଉ କଣ ହେବ?'

'ତା ଶାଶୁ ମୋ ଝିଅକୁ କେତେ କଷ୍ଟ ଦେଉଚି ତୁମେ ଦେଖିଚ?'

'ନାଇଁ, ମୁଁ ଦେଖିନି, ତୁମେ ଦେଖିଚ?'

'ମୋ ଝିଅ ମୋତେ କହିଚି?'

'ଆଚ୍ଛା, ତା'ହେଲେ ଏବେ ସେଇ ଝିଅ କାହିଁକି କହୁଛି ମୋ ବୋଉ ଘର ଭାଙ୍ଗିଦେଲା ବୋଲି?'

ନିର୍ମଳା ବୋଉ ଚୁପ୍ ହୋଇ ତମତମ ହୋଇ ଘର ଭିତରକୁ ଚାଲିଗଲେ। ସାନ ପୁଅ କଲେଜ୍‌ରେ ପାଠ ପଢେ ଆଉ ଯେହେତୁ ଘରେ ସାନ ଟିକେ ଅଧିକ ସ୍ନେହୀ। ସମସ୍ତଙ୍କ ପାଖରୁ ସ୍ନେହ ପାଇବା ସାଙ୍ଗେ ସାଙ୍ଗେ, ସାଥିରେ ପଇସା ପତ୍ର ପାଇ ଟିକିଏ ବିଗିଡି ଯାଇଛି, ସିନା ନହେଲେ ଏକା ସୁନା ମୁଣ୍ଡା ଟା। ବୋଉ କହନ୍ତି, ମୋ କୁନା ଭଳି ପୁଅ ସଂସାରରେ ନାହିଁ। ପାଠ ପଢି ଚାକିରୀ ଖୋଜି ବୁଲୁଛି। ହେଲେ ଯୁଗ ଯାହା ହେଲାଣି।

ଚାକିରୀ କାଇଁ? ତେଣୁ ଆଜିକାଲି କଥା କଥାରେ ରାଗିବା ଚିଡି ଚିଡି ହେବା ତା' ସ୍ୱଭାବରେ ପରିଣତ ହୋଇଗଲାଣି। ବାପା କହନ୍ତି, 'ଏଥିରେ ନୁଆଁ କଣ ଅଛି? ତା ବୋଉ ତ ଦିନ ସାରା ଚିଡି ଚିଡି ହେଉଛି।'

ଦିପହର ବେଳକୁ ବାହାରୁ ଫେରି ଆସିଲା, ଖଟ ଉପରେ ଫାଁ ହୋଇ ପଡିଗଲା ପରେ ବୋଉ ଆସି ମୁଣ୍ଡ ଅଣ୍ଡାଳି ଦେଇ କହିଲା, 'ଯା ହାତପାଦ ଧୋଇ ଆ, ଖାଇବାକୁ ବାଡି ଦେଉଛି, ଦି ଗୁଣ୍ଡା ଖାଇଦେ।' ବିରକ୍ତ ପ୍ରକାଶ କରି ସେ କହିଲା, 'ନାଇଁ, ମୋତେ ଭୋକ ନାହିଁ।' ପାଖରେ ବସି ବୋଉ କହିଲା, 'କଣ ହେଲା କହୁନୁ? ଏମିତି ରାଗୁଛୁ କାହିଁକି?'

ସାମାନ୍ୟ ହସିଦେଇ କୁନା କହିଲା, 'କଣ ମୋତେ ତୋ ଭଳିଆ ଭାବିଲୁ କି? ଯେ ସବୁ କଥାରେ ଖାଲି ରାଗିବି?' କୁନା ଉଠି ଚାଲିଗଲା। କୁନା ବୋଉ ମୁଣ୍ଡ ଭିତରଟା କଣ କଣ ହେଇଗଲା। ଏ ସବୁ କଣ ହେଉଛି, ସେ ଭାବିପାରିଲା ନାହିଁ। ସଞ୍ଜ ବେଳକୁ ବାପପୁଅ ଦିହେଁ ଏକାଠି ବସି କଣ ଗୁପ୍ତ ମନ୍ତ୍ରଣା କଲା ଭଳିଆ ଲାଗିଲା। ବୋଉ ସାମନାରେ ଦିହେଁ ଚୁପ୍ ହେଇଗଲେ ସତେ ଯେମିତି କିଛି ବି ହୋଇନି। ଦି ଦିନ ପରେ ବାପା ଚୁପ୍‌ଚାପ୍ ଆସି ଘରେ ଘୋଷଣା କଲେ ଯେ କୁନାପାଇଁ ସେ ଝିଅ ଦେଖିଛନ୍ତି ଆଉ ଆସନ୍ତା ଦୁଇ ମାସ ଭିତରେ ତା' ବାହାଘର ଶୀଘ୍ର କରିବେ। କୁନା ବୋଉ ଚମକି ଉଠିଲେ। କହିଲେ, 'କଣ ହେଲା କୁନା ପାଇଁ ଝିଅ ଦେଖିଚ ଆଉ ମୋତେ କିଛି ଜଣା ନାହିଁ? କେମିତି ଏ ବାହାଘର ଠିକ୍ କଲ? ମୋ ପୁଅକୁ ପଚାରିଛ?' କୁନା ବାପା ବଡ ବଡ ଆଖିକରି କୁନା ବୋଉକୁ ଚାହିଁ କହିଲେ, 'ତୁମକୁ ଦେଖି କି ବାହା ହେଇଥିଲି, କଣ ଫଳ ମିଳିଲା?'

କୁନା ଘରକୁ ଆସୁ ଆସୁ ବୋଉ ତା କାନରେ ଖବରଟା ପକାଇଦେଲା ପରେ କୁନାର କୌଣସି ପ୍ରକାର ପ୍ରତିକ୍ରିୟା ନ ଦେଖି ବୋଉକୁ ଭାରି ଆଶ୍ଚର୍ଯ୍ୟ ଲାଗିଲା। ପୁଅ କହିଲା, 'ବାପା ଠିକ୍ କରିଛନ୍ତି ବୋଇଲେ ଠିକ୍ ହେଇଥିବ।' ମାସେ ଯାଇନି ବାହାଘର ହେଇଗଲା। ବାହାଘର ପରେ କୁନାବୋଉ ଦେଖିଲା, ନୂଆ ବୋହୁଟା ସ୍ୱାମୀ ଓ ଶଶୁରଙ୍କ ସେବାରେ ଯେତେ ସମୟ ବିତାଉଛି, ତା'ପାଇଁ ସମୟ ସେତିକି ଦେଉନାହିଁ। ନିଜର ଶାଶୁତ୍ୱ କୁନାବୋଉକୁ ବାଧିଲା, ସେ ହଠାତ୍

ଡା ଜ୍ୟୋତି ପ୍ରସାଦ ପଟନାୟକଙ୍କ ପ୍ରତ୍ୟକ୍ଷ୍ୟ ତତ୍ତ୍ୱାବଧାନରେ ସଂପାଦିତ ଓ ପ୍ରକାଶିତ

ଦ୍ୱିତୀୟ ବର୍ଷ
ଅଷ୍ଟମ ସଂଖ୍ୟା
Vol: 2 Issue: 8
September, 2007
ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
ଆହ୍ୱାନ

ଦିନେ ମନ ମଧ୍ୟରେ ବିଦ୍ରୋହ କରିଉଠିଲା। ନୂଆବୋହୂ ରୋଷେଇ କରୁଥିବା ସମୟରେ ପହଞ୍ଚିଯାଇ ରୋଷେଇରେ ହାତ ଦେବା ପୂର୍ବରୁ ବୋହୂ ଚିଲ୍ଲେଇ କରି କହିଉଠିଲା, 'ଆରେ ଆରେ କଣ କରୁଛନ୍ତି। ତରକାରୀଟା ଖରାପ ହେଇଯିବ ଯେ। ତୁମ ପୁଅ ପାଇଁ କରୁଛି।' କୁନା ବୋଉ ଆଉ ସମ୍ଭାଳି ନ ପାରି କହିଲା, 'ଦି ଦିନ ହେଇନି ଘରକୁ ଆସି ଏତେ ଗେରସ୍ତ ପଣିଆ କାହିଁକି?'

ନୂଆବୋହୂ କିଛି ସମୟ ଶାଶୁକୁ ଚାହିଁ ରହିଲା ଆଉ କହିଲା, 'ଏଇଟା ମୋ ଘର। ଏଇଠି ମୋ ହୁକୁମ୍ ଚାଲିବ।' କୁନା ବୋଉ କହିଲା, 'କଣ କହିଲୁ, ତୋ ଘର? ଆଉ ଆମେ ସବୁ? ଏଇଟା ମୋ ଘର।' କୁନା ବୋଉଠାରୁ ସାମାନ୍ୟ ଅଧିକ ଉଚ୍ଚରେ ନୂଆବୋହୂ କହିଲା, 'ତୁମେ ବୁଢୀ ହେଲଣି, ଯାହା ଦେଉଛି ଖାଅ ଆଉ ନିଜ ବଖରାରେ ଯାଇ ରୁହ। ବେଶୀ କଥାବାର୍ତ୍ତା ହେବାକୁ ମୋର ସମୟ ନାହିଁ।'

କୁନା ବୋଉ ତମତମ ହୋଇ ରୋଷେଇ ଘରୁ ବାହାରି ଯାଇ ପୁଅକୁ ଏହି ସବୁ କଥା କହିବା ପରେ କୁନା କହିଲା, 'ବୋଉ ସେ ଏ ଘରର ବୋହୂ, ତେଣୁ ଏଇ ଘର ତା'ର। ଏଥିରେ ଏତେ ଚିନ୍ତା କରିବାର କଣ ଅଛି?' କୁନା ବାପାଙ୍କ ଅନୁରୂପ ଚିନ୍ତାଧାରା ଦେଖି କୁନାବୋଉ ଭାରି ଚିନ୍ତିତ ହୋଇ ପଡିଲେ। ଦିପହରର ଖାଇବା ବେଳେ କୁଁ କୁଁ ହୋଇ କାନ୍ଦିବା ଦେଖି କୁନାବାପା କହିଲେ, 'ଆଉ କାନ୍ଦି କି ଲାଭ କଣ? ତୁମ ଦିନ ଗଲା। ଏବେ ତୁମ ବୋହୂ ଏ ଘରର ମାଲିକାଣୀ। ତା' କଥାରେ ଆମକୁ ଚଳିବାକୁ ପଡିବ।' କୁନାବୋଉ ରାଗି ଚିଲ୍ଲାଇକି ନାହିଁ କହିଲା ବେଳକୁ, କୁନା ବାପା ସାମାନ୍ୟ ହସିଦେଇ କହିଲେ, 'ଖାଇପକାଅ ନହେଲେ ବୁଢୀ ଲୋକ କାଳେ ମୁହଁ ବୁଲେଇ ହୋଉଠି ପଡିଯିବ ବୋଇଲେ ଏ ବୟସରେ କଷ୍ଟ ଭୋଗିବ।'

ନିର୍ମଳା ଘରକୁ ବୁଲି ଆସିଥିଲା। ନୂଆ ବୋହୂ ସାଥିରେ ଅନେକ ସମୟ ଗପିକି ଗଲା। ଯିବାବେଳକୁ ବୋଉକୁ ଦେଖି ନଦେଖିଲା ଭଳି ପଳାଇ ଯାଉଥିଲା। ବାଟ ଅଡି ବୋଉ କହୁଥିଲା, 'ହଁ ଏବେ ନୂଆ ବୋହୂ ଆସିଗଲା ଆଉ ବୋଉ କୁ କାହିଁକି ପଚାରିବୁ। କେତେ କଷ୍ଟ ଦେଉଛି ତୋ ବୋଉକୁ ସେ ଦୁ:ଖ ତୋ ଆଖିକୁ କଣ ଆଉ ଦିଶୁଛି କି?' ନିର୍ମଳା ସାମାନ୍ୟ ହସିଦେଇ କହିଲା, 'ବୋଉ ତୁ କେମିତି ଭୁଲିଯାଉଛୁ ଯେ ତୁ ବି ତ ଏଇମିତି ଦିନେ ଜେଜେ ମା'କୁ କହୁଥିଲୁ, ଆଉ ମୋ ଶାଶୁଙ୍କୁ ଘରୁ ବାହାର କରିବା କଥା କିଏ କହିଥିଲା?' ବାହାରୁ ଘର ଭିତରକୁ ଆସୁଥିବା ବେଳେ ବାପା ଗୁଣୁଗୁଣୁ ହୋଇ କହୁଥିଲେ, 'ଯେସାକୁ ତେସା।'

# ଜନ୍ମ ମାସରୁ ଜାଣନ୍ତୁ ଗୁଣ

ମଣିଷର ଚରିତ୍ର ଉପରେ ତା'ଜନ୍ମ ସମୟର ଦୃଢ ପ୍ରଭାବ ରହେ ବୋଲି ଜ୍ୟୋତିଷମାନେ କହନ୍ତି। ତା'କୁ କେହି ବିଶ୍ୱାସ କରୁଥିବା ବେଳେ କେହି କେହି ହସରେ ଉଡେଇ ଦିଅନ୍ତି। ତେବେ ନିକଟରେ ହୋଇଥିବା ଏକ ସର୍ବେକ୍ଷଣରୁ ଜଣାଯାଇଛି ଯେ ନିର୍ଦ୍ଦିଷ୍ଟ ମାସରେ ଜନ୍ମ ହୋଇଥିବା ଲୋକଙ୍କ ଭିତରେ ଯଥେଷ୍ଟ ଗୁଣଗତ ସାମଞ୍ଜସ୍ୟ ଥାଏ। ସେହି ସର୍ବେକ୍ଷଣର ଫଳାଫଳ ନିମ୍ନରେ ଦିଆଯାଇଛି। ସେଥିରୁ ଜନ୍ମ ମାସ ଅନୁସାରେ ଆପଣ ନିଜର ବା ଅନ୍ୟମାନଙ୍କର ଚରିତ୍ର ଓ ଗୁଣ ସଂପର୍କରେ ସମ୍ୟକ୍ ଧାରଣା କରିପାରିବେ।

## ଜାନୁଆରୀ:

ଗମ୍ଭୀର ଓ ଉଚ୍ଚାଭିଳାଷୀ; ଉପଦେଶ ଦେବା ଓ ଗ୍ରହଣ କରିବାକୁ ଆଗ୍ରହୀ; ଲୋକଙ୍କ ଦୋଷ ଦୁର୍ବଳତାକୁ ଅଙ୍ଗୁଳି ନିର୍ଦ୍ଦେଶ କରିବାରେ ପାରଙ୍ଗମ; ସମାଲୋଚନା କରିବାକୁ ଭଲପାଆନ୍ତି; କର୍ମଠ; ସ୍ମାର୍ଟ୍; ସଫା ଓ ବ୍ୟବସ୍ଥିତ; ଅନ୍ୟକୁ ଖୁସି କରିବା ଜାଣନ୍ତି; ନ ରଗେଇଲାଯାଏଁ ଖୁବ୍ ଶାନ୍ତ; ରୋମାଣ୍ଟିକ୍ କିନ୍ତୁ ଭଲ ପାଆନ୍ତି ବୋଲି ପ୍ରକାଶ କରିବାରେ କୁଣ୍ଠାବୋଧ କରନ୍ତି; ଶିଶୁଙ୍କୁ ଭଲ ପାଆନ୍ତି; ଅଭିମାନୀ ଓ ବେଶି ଚିନ୍ତା କରନ୍ତି; ସରଳ, ସାମାଜିକ ସାମର୍ଥ୍ୟ ବୃଦ୍ଧି କରିବାକୁ ଚାହାନ୍ତି; ବିଶ୍ୱସ୍ତ, ସହଜରେ ଈର୍ଷା ପରାୟଣ ହୁଅନ୍ତି।

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଦ୍ୱିତୀୟ ବର୍ଷ
ଅଷ୍ଟମ ସଂଖ୍ୟା
Vol: 2 Issue: 8
September, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଆହ୍ୱାନ

## ଫେବୃୟାରୀ:

ଚତୁର ଓ ବୁଦ୍ଧିମାନ, ବାରମ୍ବାର ବଦଳୁଥିବା ବ୍ୟକ୍ତିତ୍ୱ, ଶାନ୍ତ, ନମ୍ର ଓ ଲଜ୍ଜାଶୀଳ, ସଂଯତ ସ୍ୱଭାବ, ସଚୋଟ, ନ୍ୟାୟ ଓ ବିଶ୍ୱସ୍ତ, ଲକ୍ଷ୍ୟ ପୁରଣ ପାଇଁ ପ୍ରତିଜ୍ଞାବଦ୍ଧ, ସ୍ୱାଧୀନଚେତା, ବହୁତ ଅଭିମାନୀ, ନିଜ ପ୍ରଶଂସା ବହୁତ କମ କରନ୍ତି, ଖର୍ଚ୍ଚୀ, ଶୀଘ୍ର ରାଗିଯାଆନ୍ତି, ଉଚ୍ଚାଭିଳାଷୀ, ବନ୍ଧୁତା ପାଇଁ ଆଗ୍ରହୀ କିନ୍ତୁ ପ୍ରକାଶ କରନ୍ତିନି, ଅନ୍ଧବିଶ୍ୱାସୀ, ନିର୍ଭିକ ଓ ଜିଦ୍‌ଖୋର, ଭିତରେ ଭିତରେ ଭାରି ରୋମାଣ୍ଟିକ୍ କିନ୍ତୁ ବାହାରୁ ଦେଖିଲେ ଜଣାପଡେନି, ଆମୋଦପ୍ରିୟ, ଅବସର ସମୟକୁ ଉପଭୋଗ କରନ୍ତି, କଠୋର, ସ୍ୱପ୍ନକୁ ବାସ୍ତବରେ ପରିଣତ କରନ୍ତି ।

## ମାର୍ଚ୍ଚ:

ଆକର୍ଷଣୀୟ ବ୍ୟକ୍ତିତ୍ୱ, ସ୍ନେହୀ, ଲଜ୍ଜାଶୀଳା ଓ ଗମ୍ଭୀର, ସତ୍ୟପ୍ରିୟ, ଉଦାର ଓ ସହାନୁଭୂତିଶୀଳ, ସେବାପ୍ରିୟ, ବେଶି ରାଗନ୍ତିନି, ଅନ୍ୟର କୃତିତ୍ୱ ସ୍ୱୀକାର କରନ୍ତି, ସାହାଯ୍ୟ ପାଇଥିଲେ ପ୍ରତିଦାନରେ ଉପକାର କରନ୍ତି, କାଳ୍ପନିକ ଦୁନିଆରେ ରହିବାକୁ ପସନ୍ଦ କରନ୍ତି, ବିଶ୍ୱାସଯୋଗ୍ୟ, ଭ୍ରମଣପ୍ରିୟ, ଜୀବନସାଥୀ ଚୟନରେ ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତି; ମୁଡ୍ଡୀ, କଥା ଲୁଚାଇ ରଖନ୍ତି, ଯତ୍ନ ଆବଶ୍ୟକ କରନ୍ତି, ପ୍ରତିଶୋଧ ପରାୟଣ, ବ୍ୟକ୍ତିଙ୍କୁ ଚିହ୍ନିନିହି ବିଶ୍ଳେଷଣ କରି ମନ୍ତବ୍ୟ ଦିଅନ୍ତି ।

## ଅପ୍ରେଲ୍:

ସକ୍ରିୟ ଓ କର୍ମଠ, ନିଷ୍ପତ୍ତି ନେବାରେ ଦକ୍ଷ, ସୁନ୍ଦର ଓ ନିଜପାଇଁ ବେଶ୍ ସତର୍କ, ମନୋବଳ ଦୃଢ, ଧ୍ୟାନ ଆକର୍ଷଣ ପାଇଁ ଇଚ୍ଛୁକ, କୂଟନୈତିକ, ଉପକାରୀ, ସାହସୀ, ଓ ନିର୍ଭିକ, ଉଗ୍ର, ଭାରି ଚଞ୍ଚଳ, ସ୍ମରଣ ଶକ୍ତି ଅଧିକ, ନିଜ ସହ ଅନ୍ୟକୁ ପ୍ରେରଣା ଦେବାରେ ବେଶ୍ ଆଗୁଆ, ଭାବପ୍ରବଣ, ବିଶେଷ କରି ମସ୍ତିଷ୍କ ଓ ଛାତିରେ ଯନ୍ତ୍ରଣା ଅନୁଭବ କରନ୍ତି, ସହଜରେ ଇର୍ଷ୍ୟାନ୍ୱିତ ହୁଅନ୍ତି; ସଙ୍ଗୀତରେ ଦକ୍ଷ ।

## ମଇ:

ଜିଦ୍‌ଖୋର ଓ ନିଷ୍ଠୁର, ଖୁବ୍ ସୁନ୍ଦର, ଭ୍ରମଣ ପ୍ରିୟ, ସ୍ୱପ୍ନାବିଷ୍ଟ, କଳା ଓ ସାହିତ୍ୟ ପ୍ରେମୀ, ଘରେ ରହିବା ପସନ୍ଦ କରନ୍ତି ନାହିଁ; ଅପବ୍ୟୟୀ, କଠିନ ପରିଶ୍ରମୀ, ବିତର୍କ କରିବା କଳା ଅଛି, ସହଜରେ ପ୍ରଭାବିତ ହୁଅନ୍ତି କିନ୍ତୁ ପ୍ରରୋଚିତ କରିବା କଷ୍ଟ, ଅନ୍ୟକୁ ଆକର୍ଷିତ କରନ୍ତି, ଇଚ୍ଛା ଶକ୍ତି ଦୃଢ, ତୀକ୍ଷ୍ଣ ଚିନ୍ତାଧାରା, ଶୃଙ୍ଖଳିତ; ଚଞ୍ଚଳ, ଅତ୍ୟନ୍ତ ସାହସୀ; ଦୃଷ୍ଟିକୋଣ ସ୍ଥିର, କଳ୍ପନା ଶକ୍ତି ଉତ୍ତମ, ଅଲୌକିକ ଶକ୍ତି ସଂପର୍କ; କାନ ଓ ନାକରେ ଯନ୍ତ୍ରଣା ହୁଏ ।

## ଜୁନ୍:

ଦୂରଦର୍ଶୀ, ଦୟାଳୁଙ୍କ ଦ୍ୱାରା ପ୍ରଭାବିତ, ଦକ୍ଷ, ନମ୍ର ଓ ମଧୁରଭାଷୀ; ଗର୍ବୀ; ଅଳସୁଆ, ବାଛି ବାଛି ସବୁଠାରୁ ଭଲ ଜିନିଷ ଦରକାର, କୌତୁକପ୍ରିୟ, ବନ୍ଧୁକରିବାର ମନ୍ତ୍ର ଜାଣନ୍ତି, ଗପୁଡି, ଉପକାରୀ, ସଜେଇ ହେବା ସଉକ, ଶୀଘ୍ର ବୋର୍ ହୁଅନ୍ତି, ଅପମାନିତ ହେଲେ ଭୁଲିବାକୁ ସମୟ ଲାଗେ, ମନ ସର୍ବଦା କାର୍ଯ୍ୟବ୍ୟସ୍ତ, ଦିବାସ୍ୱପ୍ନ, କ୍ୱଚିତ୍ ଭାବପ୍ରବଣ, ବ୍ରାଣ୍ଡ୍ ପାଇଁ ସତର୍କ, ଭଲପାଉଥିବା ଲୋକେ ଶତ୍ରୁ ଓ ଘୃଣା କରୁଥିବା ଲୋକେ ମିତ୍ର ବୋଲି ବିଚାର କରନ୍ତି ।

## ଜୁଲାଇ:

ଆପଣଙ୍କୁ ବୁଝିବା ଭାରି କଷ୍ଟ, କେହି ଉତ୍ତେଜିତ ନକଲା ଯାଏଁ ଆପଣ ଶାନ୍ତ, ସମାଜରେ ସୁନାମ ଓ ପ୍ରତିଷ୍ଠା ଅଛି, ଉପକାରୀ, କେବଳ ନିଜର ଶ୍ରେୟ ଦେବାକୁ ପଛାନ୍ତି ନାହିଁ, ବିଶ୍ୱାସଜନକ, ଭାବବିହ୍ୱଳ, ପ୍ରତିହିଂସା କରନ୍ତି ନାହିଁ, କ୍ଷମାଶୀଳ, କିନ୍ତୁ ଅପମାନ ଭୁଲନ୍ତି ନାହିଁ, ଅନ୍ୟପାଇଁ ଯତ୍ନବାନ, ଲଭିଙ୍ଗ୍, ପଥ ପ୍ରଦର୍ଶକ, ପକ୍ଷପାତି ନୁହନ୍ତି, ଶ୍ରମପଟୁ, ମେଧାବୀ, ଏକୁଟିଆ ରହିବାକୁ ବେଶୀ ପସନ୍ଦ, ଅତୀତକୁ ଝୁରନ୍ତି-ବିଶେଷ କରି ପୁରୁଣା ବନ୍ଧୁଙ୍କୁ, ପର୍ଯ୍ୟବେକ୍ଷଣ ପ୍ରିୟ, ଅନ୍ୟର ଭାବନାକୁ ସମ୍ମାନ ଦିଅନ୍ତି, ଶାନ୍ତଶୀଳ, ସାଧାରଣ ବ୍ୟକ୍ତିତ୍ୱ; ମିତ୍ରତା

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଦ୍ୱିତୀୟ ବର୍ଷ
ଅଷ୍ଟମ ସଂଖ୍ୟା
Vol: 2 Issue: 8
September, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଆହ୍ୱାନ

ଦରକାର ନୁହେଁ, ଖାଇବା ତଥା ହଜମଗତ ସମସ୍ୟା ଦେଖାଯାଏ, କେହି ଭଲପାଉ ବୋଲି ଚାହାନ୍ତି, ବେଦନାକୁ ଭୁଲିବାକୁ ସମୟ ଲାଗେ।

## ଅଗଷ୍ଟ:

ପରିହାସ କରିବା ଭଲଲାଗେ, ସୁଶ୍ରୀ, ଭଦ୍ର, ମାର୍ଜିତ ଓ ଯତ୍ନବାନ, ସାହସିଆ, ପ୍ରଶଂସନୀୟ, ନେତୃତ୍ୱ, ଦୃଢପ୍ରତିଜ୍ଞ, ଅତି ସ୍ୱାଭିମାନୀ, ଉଦାର, ପ୍ରଶଂସା ଲାଗି ଆତୁର, ରାଗୀ ଓ ଅହଂକାରୀ, ବାଛି ବାଛି ସଂପର୍କ ଗଢନ୍ତି, ସ୍ୱପ୍ନାବିଷ୍ଟ; ରୋମାଣ୍ଟିକ୍, ବନ୍ଧୁପ୍ରେମୀ, ଅସୁସ୍ଥ ହେଲେ ଭାଙ୍ଗିପଡନ୍ତି; ଅନ୍ୟର ଅଗ୍ରଗତିକୁ ସ୍ୱୀକାର କରନ୍ତି, ସ୍ୱାଧୀନଚେତା, କଳା, ସଙ୍ଗୀତ ଓ ପ୍ରତିରକ୍ଷା କ୍ଷେତ୍ରରେ ବହୁତ ପ୍ରତିଭାଶାଳୀ, ସ୍ପର୍ଶକାତର ଓ କ୍ଷୁଦ୍ରମନା।

## ସେପ୍ଟେମ୍ବର:

ବିନମ୍ର, କଥା କହିବାରେ ପାରଙ୍ଗମ, ସଭ୍ୟ, ଆପୋଷ ସମାଧାନ ପାଇଁ ଆଗ୍ରହୀ, ସଚେଷ୍ଟ ଓ ସାବଧାନ, ସମାଲୋଚକ, ବିଶ୍ୱାସଯୋଗ୍ୟ, ଖେଳକୁଦ, ଅବସର, ଭ୍ରମଣପ୍ରିୟ, ଭାବୁକ, ଶାନ୍ତଶିଷ୍ଟ, ଆଗ୍ରହୀ ଓ ପୁଙ୍ଖାନୁପୁଙ୍ଖ, କର୍ମଯୋଗୀ, ସ୍ମୃତିଶକ୍ତି ସଂପର୍ଣ୍ଣ, ଜ୍ଞାନୀ ଓ ଚତୁର; ନିଜକୁ ନିଜେ ଉତ୍ସାହିତ କରନ୍ତି, ବିଚାରବନ୍ତ, ସହାନୁଭୂତିଶୀଳ, କ୍ୱଚିତ୍ ଭାବପ୍ରବଣ।

## ଅକ୍ଟୋବର:

ଖୁସିଗପ କରିବା ସଉକ, ମାର୍ଜିତ ଓ ସୁନ୍ଦର, ସତ୍ୟବାଦୀ, ଦୟାବାନ, ବନ୍ଧୁଙ୍କୁ ଗୁରୁତ୍ୱ ଦିଅନ୍ତି, ସଖାପ୍ରେମୀ, ଅପମାନକୁ ଶୀଘ୍ର ଭୁଲିବାକୁ ଚେଷ୍ଟା, ଭାବପ୍ରବଣ, ମିଷ୍ଟଭାଷୀ, କଳା, ସାହିତ୍ୟ ଓ ଭ୍ରମଣପ୍ରିୟ, ରୋମାଣ୍ଟିକ୍, କହିଲେ ହିଁ ଉପକାର କରନ୍ତି, କିଏ କଣ ଭାବୁଛି ତାଙ୍କର ଯାଏ ଆସେ ନାହିଁ, ଖର୍ଚ୍ଚୀ, ଘର ବାହାରେ ସମୟ ବିତାଇବା ଏମାନଙ୍କ ପସନ୍ଦ, ଶୀଘ୍ର ଆତ୍ମବିଶ୍ୱାସ ହରାଇ ବସନ୍ତି, ଲଭିଙ୍ଗ୍, ଉଚିତ୍ ନିଷ୍ପତ୍ତି ନିଅନ୍ତି, ଭବିଷ୍ୟଦ୍ରଷ୍ଟା, ନିଅ ମତ ଉପରେ ଦୃଢ ବିଶ୍ୱାସୀ।

## ନଭେମ୍ବର:

ସମସ୍ତଙ୍କଠାରୁ ସ୍ୱତନ୍ତ୍ର ଓ ବୁଦ୍ଧିମାନ, ଅସାଧାରଣ ଦକ୍ଷତା, ଉତ୍ତମ ଦୂରଦୃଷ୍ଟି, ତୀକ୍ଷ୍ଣ ଚିନ୍ତାଶକ୍ତି, ଭଲ ଡାକ୍ତର ହେବାର କ୍ଷମତା, ଅନୁସନ୍ଧିତ୍ସୁ, ଗୋପନୀୟ, ସର୍ବଦା ଚିନ୍ତାମଗ୍ନ, ବନ୍ଧୁଭାବପର୍ଣ୍ଣ, କଠୋର ହୃଦୟ, ଇଚ୍ଛାଥିଲେ ଉପାୟ ବଳେ ଆସେରେ ବିଶ୍ୱାସ, ଅବିଚଳିତ, ବେଶି ବିରକ୍ତ କଲେ ଟିକେ ରାଗନ୍ତି, ଏକାକି ରହିବାକୁ ପସନ୍ଦ କରନ୍ତି, କାର୍ଯ୍ୟବ୍ୟସ୍ତ, ଜିଦ୍‌ଖୋର, ପ୍ରେମ ଓ ଆବେଗରେ ଭରପୁର, ସଂପର୍କ ଏଠି ଅନିଶ୍ଚିତ ଓ ବେଳେ ବେଳେ କ୍ଷଣସ୍ଥାୟୀ, ଏମାନଙ୍କ ବିଷୟରେ ପୂର୍ବାନୁମାନ କରିବା ଅସମ୍ଭବ।

## ଡିସେମ୍ବର:

ଉଦାର, ବିଶ୍ୱସ୍ତ, ଦେଶଭକ୍ତ, ବିତର୍କ, କ୍ରୀଡାରେ ସକ୍ରିୟ, ଉଚ୍ଚାଭିଳାଷୀ, ଅଧୈର୍ଯ୍ୟ, ଅନୁଷ୍ଠାନର ପ୍ରଭାବୀ, ସାମାଜିକ ଜୀବନ ବିତାଇବାକୁ ଭଲ ପାଆନ୍ତି, ପ୍ରଶଂସା କଲେ ଖୁସି ହୁଅନ୍ତି, ତାଙ୍କ ପ୍ରତି ଧ୍ୟାନ ଦେଲେ ଖୁବ୍ ଭଲ, କ୍ଷଣକୋପୀ, ବାରମ୍ବାର ବଦଳୁଥିବା ବ୍ୟକ୍ତିତ୍ୱ, କଟକଣାକୁ ଘୃଣା, କୌତୁକପ୍ରିୟ, ସ୍ୱାଭିମାନୀ ନୁହନ୍ତି, ନ୍ୟାୟବନ୍ତ।

*ଆହ୍ୱାନ ପତ୍ରିକାର ପ୍ରକାଶନରେ ସହାୟକ ହୁଅନ୍ତୁ, ଆର୍ଥିକ ସାହାଯ୍ୟ ଦେଇ ଆମର ଏହି ପତ୍ରିକାକୁ ଆଜୀବନ ନିଃଶୁଳ୍କ ରଖିବାରେ ସହାୟକ ହୁଅନ୍ତୁ । ଏହାର ପ୍ରକାଶନରେ ଖର୍ଚ୍ଚ ହେଉଥିବା ଅର୍ଥ, ଯଥା ଏହାର ସଫ୍‌ଟୱେର୍, କଂପ୍ୟୁଟର, ଇଣ୍ଟର୍‌ନେଟ୍ ଖର୍ଚ୍ଚ, ସହାୟକଙ୍କ ଖର୍ଚ୍ଚ, ୱେବ୍‌ସାଇଟ୍ ସଂଚାଳନ ଖର୍ଚ୍ଚ ଇତ୍ୟାଦି ଅନ୍ତର୍ଭୁକ୍ତ । ଆପଣଙ୍କ ଦେୟ ମାତ୍ର କେଇ ଟଙ୍କା ବା ଡଲାର ଆମର ଏହି ପତ୍ରିକାକୁ ଏକ ନୂତନ ଦିଗନ୍ତ ଦେଖାଇବାରେ ସହାୟକ ହେବ ।*

*ଆସନ୍ତୁ ଆହ୍ୱାନର ପୃଷ୍ଠପୋଷକ ହୁଅନ୍ତୁ । ଆମକୁ ସାହାଯ୍ୟ କରୁଥିବା ସମସ୍ତ ବ୍ୟକ୍ତି ବିଶେଷଙ୍କୁ ଆମରି ଏହି ପତ୍ରିକା ମାଧ୍ୟମରେ ସମସ୍ତ ପାଠକ ପାଠିକା ମାନଙ୍କ ନିକଟରେ ପହଞ୍ଚାଇ ଦିଆଯିବ ।*

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଦ୍ୱିତୀୟ ବର୍ଷ
ଅଷ୍ଟମ ସଂଖ୍ୟା
Vol: 2 Issue: 8
September, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଆହ୍ୱାନ

# ମୂଲ୍ୟବାନ ସମୟ

ସମୟର ମୂଲ୍ୟ କେତେ? ବୋଧହୁଏ ଆମ ଭିତରୁ ଅନେକେ ଜାଣିନଥିବେ। କିନ୍ତୁ ଯଦି ଥରେ ଚିନ୍ତା କରି ଦେଖିବେ, ତ ଜାଣି ପାରିବେ ଏହାର ପ୍ରକୃତ ମୂଲ୍ୟ। ଆମେ ଭାରତପରି ଏକ ଉନ୍ନତିଶୀଳ ରାଷ୍ଟ୍ରର ଅଧିବାସୀ ହୋଇଥିବାରୁ ସମୟକୁ ମୂଲ୍ୟ ଦେଇ କିଣି ଜାଣୁନା। ଆମେରିକା ଏବଂ ପାଶ୍ଚାତ୍ୟ ଦେଶରେ ସମୟର ମୂଲ୍ୟ ଅଧିକ। ବୋଧହୁଏ ସେଇଥି ପାଇଁ ଭାରତୀୟ ମାନେ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କରେ ଯାଇ ଚାକିରୀ କରିବାକୁ ଭଲ ପାଆନ୍ତି। ଆମେରିକାରେ ଚାକିରୀ କରୁଥିବା ବ୍ୟକ୍ତିବିଶେଷ ମାସିକ କିମ୍ବା ବାର୍ଷିକ ଦରମା ନିଅନ୍ତି ନାହିଁ, ଅଧିକାଂଶ ବ୍ୟକ୍ତି ନିଜ ସମୟରୁ କିଛି ସମୟ ବିକ୍ରିକରନ୍ତି। ମନେ କରନ୍ତୁ ଆପଣ ଜଣେ ସଫ୍ଟୱେର ଇଞ୍ଜିନିୟର୍ ଏବଂ ଆପଣ ଭାରତରେ କୌଣସି ଏକ ବହୁରାଷ୍ଟ୍ରୀୟ କଂପାନୀରେ କାର୍ଯ୍ୟ କରୁଛନ୍ତି। ମାସକୁ ମୋଟା ଅଙ୍କର ଦରମା ପାଉଛନ୍ତି, ମନେ କରନ୍ତୁ ଚାଳିଶି ହଜାର। ଆପଣ ଭାରି ଖୁସ୍। କିନ୍ତୁ ଏହାର ବିପରୀତ ଆମେରିକାରେ ସମସାମୟିକ ସଫଟ୍‌ୱେର ଇଞ୍ଜିନିୟର ଘଣ୍ଟାକୁ ପଚାଶ ଡଲାର୍ ଦାମରେ କାମ କରିବାକୁ ରାଜି ହୋଇଥାଆନ୍ତି। ଅର୍ଥାତ୍ ସପ୍ତାହରେ ମାତ୍ର ଚାଳିଶି ଘଣ୍ଟା, ଏବଂ ମାସରେ ଦୁଇଶହ ଘଣ୍ଟା ସର୍ବାଧିକ। ଆଉ ସେ ପାଆନ୍ତି ଦରମା, ଦଶ ହଜାର ଡଲାର୍, ମାନେ ଭାରତୀୟ ମୁଦ୍ରାରେ ଚାରିଲକ୍ଷରୁ ସାମାନ୍ୟ କିଛି ଅଧିକ। ମାତ୍ର ଆମେରିକୀୟ କଂପାନୀମାନେ ସେହି କାର୍ଯ୍ୟ ଭାରତରେ ଥିବା ନିଜ ଅଫିସ୍ ମାଧ୍ୟମରେ ଆମେରିକୀୟ ଦରମାର ମାତ୍ର ଦଶ ପ୍ରତିଶତ ମୂଲ୍ୟରେ କରାଇ ପାରନ୍ତି। ତେଣୁ ଶସ୍ତା ଏବଂ ପାରଙ୍ଗମ କାର୍ଯ୍ୟଶୀଳ ବ୍ୟକ୍ତିଙ୍କ ପାଇଁ ଭାରତ ତଥା ଭାରତ ସଂଲଗ୍ନ ଅନେକ ଦେଶରେ ସଂପ୍ରତି ବହୁରାଷ୍ଟ୍ରୀୟ କଂପାନୀ ମାନଙ୍କର ଭିଡ।

'ସମୟ ବହୁ ମୂଲ୍ୟବାନ', ସ୍କୁଲ୍‌ରେ ପଢୁଥିବା ବେଳେ ସାର୍ କହୁଥିଲେ, ହେଲେ କେବେ ବୁଝିପାରି ନଥିଲି। ମାତ୍ର ଭାରତୀୟ ବଜାରରେ ଏକ ଚାକିରୀର ମୂଲ୍ୟ ବୁଝୁ ବୁଝୁ ହଠାତ୍ ଏଇ ବାକ୍ୟଟା ହୃଦୟଙ୍ଗମ ହୋଇଗଲା। ମୋଟା ଅଙ୍କର ଦରମା ପାଉଥିବା ଜନୈକ ବନ୍ଧୁଙ୍କଠାରୁ ଏହି ବାକ୍ୟାଳାପକୁ ଶୁଣିସାରିବା ପରେ, ମନେ ମନେ ହୃଦୟଙ୍ଗମ କଲି, ସମୟ ଯାହା ହେଉନା କାହିଁକି, କିନ୍ତୁ ଭାରତରେ ଏହାର ମୂଲ୍ୟ ବୁଝିବା ଲୋକ ବର୍ତ୍ତମାନ ବି ବହୁତ କମ୍। କାରଣ ଏଇଠି ଆମେ ମାସିକ ଦରମା ନେଉଛୁ, କେହି ଏଠାରେ ଆମକୁ ଘଣ୍ଟାଏ ପାଇଁ ଦରମା ଦିଅନ୍ତି ନାହିଁ, ଆଉ ଯଦି କେହି ଏଠାରେ ଘଣ୍ଟାଏ ପାଇଁ ଦରମା ପାଇବାକୁ ଡିମାଣ୍ଡ କରନ୍ତି, ତେବେ ଉଚ୍ଚପଦସ୍ଥ ଅଧିକାରୀ ତାଙ୍କ ମୁହଁକୁ ଆଁ କରି ଚାହିଁ ରହିବା ଛଡା ଆଉ କୌଣସି ଫଳ ମିଳିବ ନାହିଁ।

ସକାଳୁ ସକାଳୁ ବାଡି ପଟର ଘାସ ସଫାକରିବା ପାଇଁ ମୂଲିଆ ବୁଝିବା ପାଇଁ ବଜାରକୁ ଯାଇ ପହଞ୍ଚିଲେ, ପଣ୍ଡାବାବୁ, ମୂଲିଆ ମାନଙ୍କ ସହ ମୂଲଚାଲ କରିଲା ପରେ ଦିନକୁ ଷାଠିଏ ଟଙ୍କା ପଡିବ ବୋଲି କହିଲେ। ସେ ଯା'ହେଉ ଘରଣୀଙ୍କ କଥା ଶୁଣି ଶୁଣି ବିରକ୍ତ ହେବା ଅପେକ୍ଷା ଷାଠିଏ ଟଙ୍କା ହେଉ ପଛେ ଦିନକରେ ଏ ମାମଲା ତୁଟେଇ ଦେଲେ ଗଲା, ଭାବି ମୂଲିଆକୁ ଘର ଠିକଣା ଦେଇ ଆସିଲେ। ଦୁଆର ମୁହଁରେ ଏପାଖ ସେପାଖ ହେଉ ହେଉ ଦିପହର ଏଗାରଟା ବାଜିଲା। ମୂଲିଆ ବାବୁ ଆସି ପହଞ୍ଚିଲେ। ଘର ବାଡି ଦେଖୁ ଦେଖୁ କହିଲେ, ଏତିକି ସଫା କରିବାପାଇଁ ଦି ଦିନ ଲାଗିବ। ପଣ୍ଡାବାବୁଙ୍କ ମୁଣ୍ଡରେ ଚଡକ ପଡିଲା। ମାନେ ଠିଆ ଠିଆ ଶହେ କୋଡିଏ ଟଙ୍କା ଚଳୁ କରିଦେବେ? ନା' ହେଇ ପାରିବନି। ମୂଲିଆକୁ ମନା କରିଦେଲା ପରେ ମୂଲିଆ କହିଲା, ଦିନକର ମୂଲ ଦେଇଦିଅ। କାରଣ ମୋର ଆଜିର ଦିନଟା ବେକାର ହୋଇଗଲା। ସେ ଯା'ହେଉ କଳିହୁଡି ଭାରିଜାଙ୍କ ହସ୍ତକ୍ଷେପ ପରେ ମୂଲିଆ ସେଠାରୁ ବିଦା ହେଲା ଆଉ ପଣ୍ଡାବାବୁ ନିଜେ ନିଜେ ବାଡି ସଫାରେ ଲାଗିପଡିଲେ। ବିଦେଶରେ ଚାକିରୀ କରୁଥିବା ପୁଅ ଫୋନ୍ କଲାବେଳକୁ ବାପା ବାଡିରେ ଘାସ କାଟୁଥିବା କଥା ଶୁଣି ବିରକ୍ତ ହେଲା। ବାପା ଯେତେ ବୁଝେଇଲେ ବୁଝିଲାନି, କହିଲା ଦି ଦିନ

ଦ୍ୱିତୀୟ ବର୍ଷ
ଅଷ୍ଟମ ସଂଖ୍ୟା
Vol: 2 Issue: 8
September, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
ଆହ୍ୱାନ

ତ ଦେଇଦେଲନି କାହିଁକି? ପଣ୍ଡାବାବୁ ଅଗତ୍ୟା କହିଲେ, ବାବୁରେ ତୁ ସେଇଠି ଡଲାରରେ ଦରମା ପାଉଛୁ, ହେଲେ ମୁଁ ଏଇଠି ଟଙ୍କାରେ ଦରମା ଦେବି, ମାନେ ଡଲାରର ଚାଳିଶି ଭାଗରୁ ଭାଗେ। ତୋ ପାଇଁ ତିନି ଡଲାର ବଡ କଥା ହୋଇନପାରେ କିନ୍ତୁ ମୋ ପାଇଁ ଶହେ କୋଡିଏଟା ଭାରି ବଡ ମୂଲ୍ୟଟିଏ।

ବିଦେଶ ଫେରନ୍ତା ପୁତ୍ରକୁ ସାଇକେଲ୍ ମରାମତି ପାଇଁ ବଜାର ପଠାଇ କେଜାଣି କେଉଁ ବଡ ପାପ କରି ପକାଇଲେ ପଣ୍ଡାବାବୁ। ରାଜାଭୋଜଙ୍କ ଜମାନାର ୨୨ ଇଞ୍ଚିଆ ଚକାବାଲା ସାଇକେଲ୍ ଚଲେଇବାକୁ ଅମଙ୍ଗ ହେଉଥିବା ପୁଅକୁ ତା'ପିଲା ବେଳ କଥା ମନେ ପକାଇ ପଣ୍ଡାବାବୁ ସାଇକେଲ୍ ମାର୍ଟକୁ ପଠାଇଦେଲେ ସତ, ହେଲେ ସେ ସାଇକେଲ୍ ଗଲା ଯେ ଆଉ ଫେରିଲାନି। ବାପାଙ୍କ ଠାରୁ ପିତୃଦତ୍ତ ଆଶୀର୍ବାଦ ଭାବରେ ହେଉ ଅବା ଧନ ଭାବରେ ହେଉ ମିଳିଥିବା ସଂପତ୍ତିଟା ସ୍ୱଚ୍ଛ ଦିବାଲୋକରେ ପରଲୋକ ଗମନ କଲା। ଅବଶ୍ୟ ନୂଆ ସାଇକେଲ୍‌ଟିଏ କିଣି ଆଣି ଦେଇଥିଲା ପୁଅ। କିନ୍ତୁ ୨୨ ଇଞ୍ଚର ସାଇକେଲ୍ ଚଡାଳିକୁ ବର୍ତ୍ତମାନର ଏମ୍‌ଟିବି ସାଇକେଲ୍ ରୁଚିଲାନି। ଅଣ୍ଟା ବଥା ଧରିଦେଲା, ହେଲେ ସେତେବେଳକୁ ପୁଅ ନଥିଲା, ବିଦେଶ ପଳାଇଥିଲା। ପୁଅ ଯିବାପରେ ନିଜର ପ୍ରିୟ ପୁରୁଣା ସାଇକେଲ୍‌ଟିକୁ ଘରକୁ ଫେରାଇ ଆଣିବା ପାଇଁ, ମାର୍ଟକୁ ଦଉଡି ଯାଇଥିବା ପଣ୍ଡାବାବୁ ହଠାତ୍ ଅଚେତ ହେଉ ହେଉ ରହିଗଲେ। ପୁତ୍ର ଶିରୋମଣି ସେହି ସାଇକେଲ୍‌କୁ ଲୁହା ଆକାରରେ ବିକିଦେଇ ସାହି ପିଲାଙ୍କୁ ସୁନ୍ ପାଂପୁଡି ଖୁଆଇ ଦେଇଥିବା ଖବର ଶୁଣି।

କଥା ଆଳରେ ସମୟର ମୂଲ୍ୟ ତୁ କଣ ବୁଝିବୁ ବୋଲି କହୁ କହୁ କହି ଦେଇଥିବା ପଣ୍ଡାବାବୁ ହତବମ୍ବ ହୋଇ ରହିଗଲେ, ଯେତେବେଳେ ପୁଅ କହିଲା ସେ ଘଣ୍ଟାକୁ ପଚାଶ ଡଲାର ଦରମା ପାଉଛି, ମାନେ ଶୁଦ୍ଧ ଓଡିଆରେ କହିଲେ ଘଣ୍ଟାକୁ ଦୁଇ ହଜାର ଟଙ୍କା। ପଣ୍ଡାବାବୁ ମନେ ପକାଉଥିଲେ, ତାଙ୍କର ପ୍ରଥମ ଦରମା କଥା। ମାସକୁ ଶହେ ଅଶି ଟଙ୍କାରେ ଚାକିରୀ କରିଥିଲେ, ଯେ କାର୍ଯ୍ୟନିବୃତ୍ତି ବେଳକୁ ସେ ପାଉଥିଲେ ମାସକୁ ଚାରିହଜାର ଟଙ୍କା। ହେଲେ ଘରକୁ ଆସୁଥିଲା ସବୁ ଦୁଇ ହଜାର ଟଙ୍କା। ପ୍ରକୃତରେ ସେ ଏବେ ବୁଝି ପାରୁଥିଲେ ସମୟର ମୂଲ୍ୟ କେତେ।

# ଭାଦ୍ରବ ମାସରେ ଜଗନ୍ନାଥ

ଶ୍ରୀ ନିର୍ମଳ ମିଶ୍ର

ଶାସ୍ତ୍ରୀୟ ମତ ଅନୁଯାୟୀ ଶ୍ରୀ ମୂର୍ତ୍ତିର ଲକ୍ଷଣ ଓ ଆୟୁଧ ଭେଦରେ ବିଷ୍ଣୁ ବର୍ଶକର ବାରମାସରେ ବାରଗୋଟି ନାମରେ ବିରାଜମାନ କରିଥାଆନ୍ତି। ଏହି ପରି ଭାଦ୍ରବ ମାସରେ ବିଷ୍ଣୁ 'ହୃଷୀକେଶ' ଭାବରେ ପରିଗୃହୀତ ହୁଅନ୍ତି। ବିଷ୍ଣୁ ଓ ଜଗନ୍ନାଥ ଯେହେତୁ ଏକ ଓ ଅଭିନ୍ନ, ଭାଦ୍ରବ ମାସରେ ଜଗନ୍ନାଥଙ୍କୁ ହୃଷୀକେଶ ଭାବରେ ଗ୍ରହଣ କରିବାରେ ଅସୁବିଧା ଉପୁଜେ ନାହିଁ। ସୁତରାଂ କିଛି ମାତ୍ରାରେ- ଜଗନ୍ନାଥଙ୍କର ହୃଷୀକେଶ ସ୍ୱରୂପ ଓ ମହିମା ଚିନ୍ତନ କରିବା, ରୂପାୟନ କରିବା ଏଇ ରଚନାର ଲକ୍ଷ୍ୟ।

ହୃଷୀକ ଶବ୍ଦର ଅର୍ଥ ଇନ୍ଦ୍ରିୟ। ଈଶ ଶବ୍ଦର ଅର୍ଥ ପ୍ରଭୂ ଓ ସ୍ୱାମୀ। ପ୍ରଥମେ ଇନ୍ଦ୍ରିୟମାନଙ୍କର ପ୍ରଭୂଙ୍କ କଥା ଚିନ୍ତା କରାଯାଉ। ଚକ୍ଷୁ କର୍ଣ୍ଣ ପ୍ରଭୃତି ଇନ୍ଦ୍ରିୟମାନଙ୍କର ପ୍ରଭୂ ହେଉଛି ମନ। ଜଗନ୍ନାଥ ମନରୂପରେ ଇନ୍ଦ୍ରିୟମାନଙ୍କୁ ପରିଚାଳନା କରୁଅଛନ୍ତି। 'ଗୀତା'ର ଦଶମ ଅଧ୍ୟାୟରେ ଦ୍ୱାବିଂଶ ଶ୍ଲୋକରେ ପ୍ରଭୂ ନିଜେ ଶ୍ରୀକୃଷ୍ଣ ରୂପରେ କହିଛନ୍ତି;

ବେଦାନାଂ ସାମବେଦୋଽସ୍ମି ଦେବାନାଂମସ୍ମିବାସବଃ
ଇନ୍ଦ୍ରିୟାଣାଂ ମନଶ୍ଚାସ୍ମି ଭୂତାନାମସ୍ମି ଚେତନା।।

'ଭାଗବତ'ରେ ଜଗନ୍ନାଥ ଦାସ ଏହି ମର୍ମରେ କହିଲେ- 'ଇନ୍ଦ୍ରିୟ ମଧ୍ୟେ ତୁମେ ମନ'। ସଂସାରର ଆଦିକର୍ତ୍ତା ଶ୍ରୀ କୃଷ୍ଣରୂପୀ ଜଗନ୍ନାଥ ମନ ରୂପରେ ପ୍ରାଣୀମାନଙ୍କ ମଧ୍ୟରେ ଅଧିଷ୍ଠାନ କରିଥିବାରୁ ଧ୍ୟାନସହ ମନ ମଧ୍ୟରେ ତାଙ୍କୁ ଚିନ୍ତାକରି

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି
ଦ୍ୱିତୀୟ ବର୍ଷ
ଅଷ୍ଟମ ସଂଖ୍ୟା
Vol: 2 Issue: 8
September, 2007
ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
ଆହ୍ୱାନ

ପ୍ରାଣୀମାନେ ଭବସାଗରରୁ ତରିଯାଆନ୍ତି। ଏଣୁ 'ଭାଗବତ'ରେ କୁହାଗଲା;

*ତୁ ଯେ ସଂସାର ଆଦିମୂଳ। ତୋ ନାମ ଭୁବନ ମଣ୍ଡଳ।*
*ଧାରଣ ଧ୍ୟାନେ ମନଦେଇ। ପ୍ରାଣୀ ତରନ୍ତି ତାହା ଧ୍ୟାୟୀ।।*
*ତୋ ଅନୁଭବେ ଭାଗବତ। ତୁ ନାଥ ଶ୍ରୀମନ୍ତ ଅନନ୍ତ।*
*ଶ୍ରୀ ବାସୁଦେବ ନମସ୍ତୁତେ। ମନବଚନ ଧ୍ୟାନ ମତେ।।*

ଇନ୍ଦ୍ରିୟ ମାନଙ୍କ ମଧ୍ୟରେ ମନଭାବେ ଅଧିଷ୍ଠିତ ଜଗନ୍ନାଥ ଶ୍ରୀ କୃଷ୍ଣ ଅବତାରରେ ଦେବକୀ ଗର୍ଭରେ ପ୍ରବେଶକରିବା ପୂର୍ବରୁ ପ୍ରଥମେ ବାସୁଦେବର ମନରେ ପ୍ରବେଶ କରିଥିଲେ। ଏଣୁ ଯଦୁକୁଳଗୁରୁ ଗର୍ଗମୁନୀ 'ଗର୍ଗ ସଂହିତା'ରେ ଲେଖିଛନ୍ତି;

*ପରିପୂର୍ଣ୍ଣତମଃ ସାକ୍ଷାତ୍ ଶ୍ରୀକୃଷ୍ଣ ଭଗବାନ୍ ସ୍ୱୟମ୍।*
*ବିବେଶ ବସୁଦେବସ୍ୟ ମନଃ ପୂର୍ବଂ ପରପ୍ରଭୁଃ।।*

ଜଗନ୍ନାଥ ଇନ୍ଦ୍ରିୟମାନଙ୍କ ମଧ୍ୟରେ ମନରୂପେ ବିରାଜମାନ କରିଥିବା ଦର୍ଶାଇ ପଞ୍ଚସଖା ଯୁଗର ଭକ୍ତକବି ବଳରାମ ଦାସ 'ବ୍ରହ୍ମ ସଂହିତା'ରେ ଲେଖିଛନ୍ତି;

*ବ୍ରହ୍ମା ବିଷ୍ଣ ଶିବ ହୋଇ ମନଟି ବିଷ୍ଣୁ ଅଟଇ*
*ବୁଦ୍ଧିବ୍ରହ୍ମା ଅଂହଗୁଣ ଶିବ ପ୍ରମାଣ*
*ପାର୍ଥ ବୋଲଇ ବଚନ ଶୁଣଦେବ ଭଗବାନ*
*ଅପୂର୍ବ କଥାଏ ଦେବ ପଡିଲା ମନ।।*

ଚକ୍ଷୁ କର୍ଣ୍ଣ ପ୍ରଭୃତି ଇନ୍ଦ୍ରିୟମାନଙ୍କର ପ୍ରଭୁଭାବେ ମନରୂପରେ ଜଗନ୍ନାଥ ଇନ୍ଦ୍ରିୟମାନଙ୍କୁ ପରିଚାଳନା କରୁଛନ୍ତି।

ମନରୂପୀ ଜଗନ୍ନାଥଙ୍କ ବିନା ଇନ୍ଦ୍ରିୟମାନେ କ୍ରୀୟାଶୀଳ ହୋଇପାରନ୍ତି ନାହିଁ। ଦର୍ଶନେନ୍ଦ୍ରିୟ ଚକ୍ଷୁ ସ୍ୱୟଂ କିଛି ଦେଖେ ନାହିଁ, 'ମନ' ଦ୍ୱାରା ହିଁ ଦେଖେ। ମନ ବ୍ୟାକୁଳ ଥିଲେ, ଚକ୍ଷୁ ଖୋଲା ଥିଲେ ମଧ୍ୟ କିଛି ଦେଖି ହୁଏନାହିଁ। ଏଣୁ 'ମହାଭାରତ'ରେ କୁହାଯାଇଛି;

*ଚକ୍ଷୁ ପଶ୍ୟତି ରୂପାଣି ମନସା ତୁ ନ ଚକ୍ଷୁସା।*
*ମନସି ବ୍ୟାକୁଳେ ଚକ୍ଷୁ ପଶ୍ୟନ୍ନପି ନ ପଶ୍ୟତି।।*

'ଈଶ' ଶବ୍ଦର ଅନ୍ୟ ଏକ ଅର୍ଥ ସ୍ୱାମୀ। ଜଗନ୍ନାଥ ହୃଷୀକ ବା ଇନ୍ଦ୍ରିୟମାନଙ୍କର ସ୍ୱାମୀ ବା ନାଥ ଅଟନ୍ତି। ଅସତ୍ ମାର୍ଗରୁ ଇନ୍ଦ୍ରିୟମାନଙ୍କୁ ନିବୃତ୍ତ କରାଇ ସତ୍‌ମାର୍ଗରେ ସେମାନଙ୍କୁ ସ୍ୱାମୀଭାବରେ ପରିଚାଳିତ କରିବାପାଇଁ ଶଙ୍କରାଚାର୍ଯ୍ୟ ପ୍ରାର୍ଥନା କରି କହିଛନ୍ତି; 'ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବ ତୁ ମେ' ପ୍ରଭୁ ବା ସ୍ୱାମୀଙ୍କ ସେବାରେ ଦାସର ଜୀବନ ସାର୍ଥକ ହୋଇଥାଏ। ହୃଷୀକ ବା ଇନ୍ଦ୍ରିୟମାନେ ସେମାନଙ୍କର 'ଈଶ' ହୃଷୀକେଶ ବା ଜଗନ୍ନାଥଙ୍କ ସେବାରେ ନିୟୋଜିତ ହେଲେ ଧନ୍ୟ ହୋଇଥାଆନ୍ତି। ଇନ୍ଦ୍ରିୟାଧିପତି ହୃଷୀକେଶ ରୂପୀ ଜଗନ୍ନାଥଙ୍କ ସେବାକୁ ଉକ୍ତି ଭାବରେ ଦର୍ଶାଇ 'ନାରଦୀୟ ପଞ୍ଚରାତ୍ର'ରେ କୁହାଯାଇଛି- 'ହୃଷୀକେଣ ହୃଷୀକେଶ ସେବନଂ ଭକ୍ତିରୁଚ୍ୟତେ'। ପ୍ରଭୁ ବା ସ୍ୱାମୀ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନକରି ଚକ୍ଷୁ, ତାଙ୍କର ଗୁଣ, ଲୀଳା ପ୍ରଭୃତି ଶ୍ରବଣ କରି କର୍ଣ୍ଣ, ତାଙ୍କରି ସେବାରେ ନିୟୋଜିତ ହୋଇ ହସ୍ତ ଏବଂ ତାଙ୍କ ନିକଟକୁ ଗମନ କରି ପାଦ, ଜଗନ୍ନାଥଙ୍କର ନାମ ଉଚ୍ଚାରଣ କରି ଜିହ୍ୱା ପ୍ରଭୃତି ଧନ୍ୟ ହୋଇଥାଆନ୍ତି।

ହୃଷୀକେଶ ଭାବେ ଜଗନ୍ନାଥଙ୍କ ସଂପର୍କରେ ଆଲୋଚନା ଏକ ଅନ୍ତହୀନ ଆଲୋଚନା। ଜଗନ୍ନାଥ ଯେ ହୃଷୀକେଶ, ଏଥିରେ ସନ୍ଦେହର ଅବକାଶ ନାହିଁ। ତଥାପି ଶ୍ରୀ ଜଗନ୍ନାଥଙ୍କର ହୃଷୀକେଶ ନାମ ସଂପର୍କରେ ଅଳ୍ପ କେତୋଟି ପ୍ରମାଣ ଏଠାରେ ଉପସ୍ଥାପନ କରୁଛି। ଶ୍ରୀ ଜଗନ୍ନାଥଙ୍କର ବିଗ୍ରହ ନିର୍ମାଣ ପରେ ଇନ୍ଦ୍ରଦ୍ୟୁମ୍ନ ମହାରାଜା ପ୍ରଥମ ଦର୍ଶନରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସ୍ତୋତ୍ର ପାଠ କରି ଜଣାଇଥିଲେ;

*ନାଗପର୍ଯ୍ୟଙ୍କ ଶୟନଂ କ୍ଷୀରୋଦାର୍ଣ୍ଣବ ବାସିନମ୍।*
*ନମସ୍ୟେଽହଂ ହୃଷୀକେଶଂ ସର୍ବପାପ ହରଂ ହରିମ୍।।*

ତାମ୍ର ପର୍ଣ୍ଣି ନଦୀ କୂଳରେ ସୁଦେବ ବ୍ରାହ୍ମଣ ସପତ୍ନୀକ ହୃଷୀକେଶ ବା ଜଗନ୍ନାଥଙ୍କର ଧ୍ୟାନ କରି ମହାପ୍ରଭୁଙ୍କୁ ଦର୍ଶନ କରି ସ୍ତୁତି କରିଥିଲେ;

*ସଭାଜୟନ୍ ଜଗନ୍ନାଥଂ ହୃଷୀକେଶଂ ଜଗଦ୍‌ଗୁରୁମ୍*
*ବିଷ୍ଣୁସର୍ବେଶ୍ୱରୋ ଦେବଷ୍ଟିରାତୁଷ୍ଟଃ ସମାଗମାତ୍।।*

'ଶ୍ରୀ ଜଗନ୍ନାଥ ସ୍ତୋତ୍ରରତ୍ନାବଳୀ'ରେ ପ୍ରଦତ୍ତ ଇନ୍ଦ୍ରଦ୍ୟୁମ୍ନ

ଦ୍ୱିତୀୟ ବର୍ଷ
ଅଷ୍ଟମ ସଂଖ୍ୟା
Vol: 2 Issue: 8
September, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
ଆହ୍ୱାନ

ମହାରାଜାଙ୍କର 'କାରୁଣ୍ୟସ୍ତବ'ରେ ମଧ୍ୟ ଜଗନ୍ନାଥଙ୍କୁ ହୃଷୀକେଶ ଭାବେ ରୂପାୟିତ କରାଯାଇଛି। ଏଥିରେ ଉଲ୍ଲେଖ ରହିଛି;

*ଦୁଃଖାନି ଯାନ୍ୟନେକାନି ବାଲ୍ୟଯୌବନ ଗୋଚରେ।*
*ବାର୍ଦ୍ଧକ୍ୟେଚ ହୃଷୀକେଶ ତାନି ପ୍ରାପ୍ତାନି ବୈମୟା।।*

ଶ୍ରୀ ବ୍ରହ୍ମପୁରାଣୋକ୍ତ ନାରାୟଣ କବଚରେ ଜଗନ୍ନାଥଙ୍କ ଅର୍ଥରେ ଗୃହୀତ ବିଷ୍ଣୁ, ମାଧବ, ବାମନ ପରି ସତ୍ତାମାନଙ୍କ ସହିତ ହୃଷୀକେଶଙ୍କୁ ମଧ୍ୟ ଚିନ୍ତା କରାଯାଇଛି। ଏହି କବଚରେ ଉଲ୍ଲେଖ ଅଛି;

*ପାତୁ ବିଷ୍ଣୁସ୍ତଥାଽଗ୍ନେୟେ ନୈଋତେ ମାଧବୋଽବ୍ୟୟଃ।*
*ବାୟବ୍ୟେତୁ ହୃଷୀକେଶସ୍ତଥା ଶାନେ ଚ ବାମନଃ।।*

ଠିକ ଏହି ପରି କୃଷ୍ଣ, ବିଷ୍ଣୁ, କେଶବ, ମାଧବ, ବାସୁଦେବ ଓ ଗୋବିନ୍ଦ ଭାବେ ଆରାଧିତ ଦେବତାଙ୍କୁ 'ଭକ୍ତିସର୍ବସ୍ୱ'ରେ ହୃଷୀକେଶ ଭାବରେ ସ୍ତୁତି କରାଯାଇ କୁହାଯାଇଛି;

*ଯଜ୍ଞେଶାଚ୍ୟୁତ ଗୋବିନ୍ଦ ମାଧବାନନ୍ତ କେଶବ।*
*କୃଷ୍ଣୋବିଷ୍ଣୋ ହୃଷୀକେଶ ବାସୁଦେବ ନମୋସ୍ତୁତେ।।*

ମିଥ୍ୟାପାଇଁ ଯେପରି ଅଗଣିତ ପ୍ରମାଣ ମୂଲ୍ୟହୀନ, ସତ୍ୟପ୍ରକାଶ ପାଇଁ ସେହିପରି କୌଣସି ପ୍ରମାଣ ଅନାବଶ୍ୟକ। ଏହି ଦୃଷ୍ଟିରୁ ଭାଦ୍ରବ ମାସରେ ବିଷ୍ଣୁରୂପୀ ଜଗନ୍ନାଥଙ୍କର ହୃଷୀକେଶ ସ୍ୱରୂପ ସଂପର୍କରେ ପ୍ରମାଣ ସିଦ୍ଧ ଆଲୋଚନା କରି ଏ ଅଧମ ନିଜକୁ ଦୋଷୀ ମନେ କରୁଅଛି। ଶେଷରେ ଭକ୍ତକବି 'ଅଭିମନ୍ୟୁ'ଙ୍କ ଭାଷାରେ କ୍ଷମାଭିକ୍ଷା କରି ସେହି ହୃଷୀକେଶ ଜଗନ୍ନାଥଙ୍କର ଅଭୟ ଚରଣ ତଳେ ଶରଣ ପଶୁଛି ଏବଂ ଜଣାଉଛି;

*'ଆହେ ହୃଷୀକେଶ। କ୍ଷମାକର ଦୀନଜନ ଦୋଷ।'*

ପୋଖରିଆ ସାହି, ପୁରୀ

Visit Our Website on Lord Jagannath
http://jaga.5gbfree.com/
Donate to make this site free

# ଓଡିଆ ସିନେମା ଆଉ ଆମେ

ସେଦିନ ଟିଭିରେ ରିମୋଟ ଧରି ଚାନେଲ୍ ବଦଳାଉଥିବା ସମୟରେ ହଠାତ୍ ଓଡିଆ ଚାନେଲ୍ ପାଖରେ ଅଟକି ଯିବାପରେ ପାଖରେ ବସିଥିବା ବନ୍ଧୁ କହିଲେ, ଯେତେଦୂର ମୋର ନଲେଜ୍ ଅଛି, ତୁମେ ତ କେବେ ଓଡିଆ ଫିଲ୍ମ କି ସିରିୟଲ୍ ଦେଖୁନ। ମୁଁ ସାମାନ୍ୟ ହସିଦେଇ କହିଲି, ଠିକ୍ ଯେ ବେଳେ ବେଳେ ସୁନ୍ଦର ଗୀତଟିଏ ଦେଖିଲେ ହଠାତ୍ ଅଟକିଯାଏ। ଧରିତ୍ରୀ ଚଳଚିତ୍ରର ସ୍ୱର୍ଗାଦପି ଗରୀୟସି ଜନନୀ, ହେଉ ଅବା ଶେଷଶ୍ରାବଣର ମାଝିରେ ହେଉ, ଅବା ପୂଜାର ଜଳୁଛି ଦୀପାଳି ହେଉ, କିମ୍ବା ସିନ୍ଦୁରବିନ୍ଦୁର ମୋ ପ୍ରିୟାଠାରୁ କିଏ ହେଉ, ଏଇ ସବୁ ଗୀତ ଭଳି ଗୀତ ଆଉ ହେଉନାହିଁ, ହଁ କାଁ ଭାଁ ଟିଭିରେ ଓଡିଆ ଚାନେଲ୍‌ରେ ହଠାତ୍ ଅଟକିଗଲା ବେଳେ ମାଉସୀ ଘରଭଡା ଦେବକି, ନହେଲେ, ତୁମ ଗଛର ବରକୋଳି ଖଟା ଆଦି ଗୀତ ଦେଖି ମନ ଖଟା ହେଇଯାଉଛି। ବନ୍ଧୁ କହିଲେ, କିନ୍ତୁ ଆଜିକାଲି ତ ଭଲ ଓଡିଆ ଫିଲ୍ମ ଆସୁଛି, ଭଲ ବେପାର ବି କରୁଛି। ମୁଁ କହିଲି ବନ୍ଧୁ ଏଇଟା ହେଉଛି ବ୍ୟବସାୟର ଯୁଗ। ଏଇଠି ବ୍ୟବସାୟ ହୁଏ, ମନୋରଞ୍ଜନ ବି ଏକ ବ୍ୟବସାୟ। ଆଗ ଥିଲେ କଥା ନିଆରା, କାହାଣୀ ଓ କଥାରେ ସିନେମା ବିକା ହେଉଥିଲା, ଏବେ ଦେହ ଦେଖାଇ ଅଶ୍ଳୀଳ ଗୀତ ପୁରେଇ ସିନେମା ବିକା ଚାଲିଛି, ଆଗ କାହାଣୀ ଓଡିଆଘର ପରି ଲାଗୁଥିଲା, ଆଜିକାଲି ସବୁ ହିନ୍ଦୀ ଆଉ ତେଲୁଗୁ ତାମିଲ୍ ବଙ୍ଗାଳି ହାୱାରେ ଚାଲୁଛି। ଆମର ନିଜତ୍ୱ କାହିଁ, ଆଉ ପରିବର୍ତ୍ତନ ହେଉଛି ସଂସାରର ନିୟମ କିନ୍ତୁ ଓଡିଆ ସିନେମା ଜଗତରେ ଯେମିତି ଏହାର କୌଣସି ସ୍ଥାନ ନାହିଁ। ବିଗତ ତିରିଶି ବର୍ଷ ହେଲା ଆମେ ସେଇ ଏକା ନାୟକ ନାୟିକାଙ୍କୁ ଦେଖି ଆସୁଛୁ, ଉତ୍ତମ ମହାନ୍ତି, ବିଜୟ ମହାନ୍ତି, ଦେବୁ ବୋଷ, ଅଜିତ ଦାସ ଇତ୍ୟାଦି ଇତ୍ୟାଦି। ଏଥିରେ

ଦ୍ୱିତୀୟ ବର୍ଷ
ଅଷ୍ଟମ ସଂଖ୍ୟା
Vol: 2 Issue: 8
September, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଆହ୍ବାନ

ନୂତନତ୍ୱ କାହିଁ।

କୌଣସି ଗୋଟିଏ ଜିନିଷ ଥରରୁ ଅଧିକ ଦୁଇଥର ବ୍ୟବହାର କଲାପରେ ଆମେ ନିଜେ ନିଜେ ସେ ସବୁ ପଦାର୍ଥ ପ୍ରତି ବିତସ୍ପୃହ ହୋଇ ଉଠୁଚେ, ମାତ୍ର ଏଇ ସିନେମା ବାଲାଏ କିଛି ସୁଧୁରିଲା ଭଳି ଦିଶୁନାହାନ୍ତି। ଆଉ ତା'ପରେ ବୟସ ହେବାପରେ ନିଜେ ନିଜେ କର୍ମନିବୃତ୍ତି ନେଇଯାଇ ସମ୍ମାନର ସହିତ ବାର୍ଧକ୍ୟ ବିତେଇବାର ମନ୍ତ୍ର ଆମ ନାୟକ ନାୟିକା ମାନେ ଶିଖିନାହାନ୍ତି। ନିଜ ବୟସରୁ ଅଳ୍ପ ବୟସର ନାୟକର ରୋଲ୍ କରିବା ସେମାନଙ୍କୁ ସୁନ୍ଦର ଲାଗୁଥାଇ ପାରେ, ହେଲେ ଆମେ ସେ ସବୁକୁ ଟଲେରେଟ୍ କରିପାରିବା ନାହିଁ। ବେଳେ ବେଳେ ଲାଗୁଛି ଆମେ ସବୁ ତାମିଲ୍ ଓ ତେଲୁଗୁ ଚଳଚ୍ଚିତ୍ରର ପଛା ଅନୁସରଣ କରୁଛେ। ପାଚିଲା ବୟସର ନାୟକ ଯୁବତୀ ତରୁଣୀ ସହିତ ରୋମାନ୍ସ କରି ଗୀତନାଚ କରିବା ସେମାନଙ୍କୁ ସୁହାଇ ପାରେ ହେଲେ ଆମକୁ ନାହିଁ। ବିଗତ ଦିନରେ ଗୋଟିଏ ଆଲ୍‌ବମ ଗୀତରେ ଜନୈକ ବିଖ୍ୟାତ ଓଡିଆ ନାୟକ ଜଙ୍ଗଲ ଭିତରେ ଆଧୁନିକ ଭଜନର ତାଳେ ତାଳେ ବୁଲୁଥିବାର ଦୃଶ୍ୟ ଦେଖି ଭାରି ଅସ୍ୱସ୍ତିକର ଲାଗିଲା, ଏହା କଣ? କଣ ଏହା ପ୍ରଭୂଭକ୍ତି ପାଇଁ ଲୋକ ଦେଖାଣିଆ ଆଲ୍‌ବମ ନା ପ୍ରଭୂଭକ୍ତି ନାଁରେ ପଇସା ପାଇବାର ଏକ ଉପାୟ। ଯେଉଁ ନାୟକ ନିଜ ଜୀବନକାଳ ଭିତରେ ଅସଂଖ୍ୟ ହିଟ୍ ଚଳଚ୍ଚିତ୍ର ଦେଇଛନ୍ତି, ସେଭଳି ନାୟକ ଜଣେ ସାଧାରଣ ରୁଚିବୋଧ ହେଉନଥିବା ଆଲ୍‌ବମ ଭଜନ ଗୀତରେ ଦେଖାଦେବା, ଅନ୍ତତଃ ଆମ ପକ୍ଷରେ ଗ୍ରହଣୀୟ ନୁହେଁ।

ଓଡିଶାର ଜନୈକ ଲବ୍ଧପ୍ରତିଷ୍ଠିତ ଚଳଚ୍ଚିତ୍ର ନିର୍ଦ୍ଦେଶକ ବିଗତ ଅତୀତରେ ଦେଇଥିବା ସମସ୍ତ ଚଳଚ୍ଚିତ୍ର ସୁପର ହିଟ୍ ବୋଲି ପରିଗଣିତ ହୋଇଛି, ଅଥଚ କେହି ଏହା ପ୍ରତି ଧ୍ୟାନ ଦେଇନାହାନ୍ତି, ଯେ ସେ ସବୁ ଚଳଚ୍ଚିତ୍ର, ଅନ୍ୟ ଭାଷାର ଚଳଚ୍ଚିତ୍ରରୁ ଉଦ୍ଧୃତ। ଖାଲି ଉଦ୍ଧୃତ କହିଲେ ଠିକ୍ ହେବନି, ବରଂ ପ୍ରତ୍ୟେକ ସିନ୍ ସହ ପ୍ରତ୍ୟେକ୍ ସିନ୍ ଡାଏଲଗ୍ ଏବଂ ଅନ୍ୟ ସମସ୍ତ ଜିନିଷ ଏକାପରି। ହିଟ୍ ହେବନି କାହିଁକି? ସବୁ ହିଟ୍ ହିନ୍ଦୀ ଓ ତାମିଲ୍, ତେଲୁଗୁ,

ବଙ୍ଗାଳୀ ଚଳଚ୍ଚିତ୍ରର ନକଲ କରି ନିଜକୁ ପାରିବାର ବୋଲି ଦେଖାଇବା ଗୁଣ ଆମ ପାଇଁ ଗ୍ରହଣଯୋଗ୍ୟ ନୁହେଁ। ବନ୍ଧୁ କହିଲେ ଏମାନେ ଏତେ ନକଲ କରୁଛନ୍ତି ଯେ, କହିବା ମୁସ୍କିଲ୍ କୋଉଟା ପ୍ରଥମେ ହୋଇଥିଲେ। ନିକଟରେ ଏକ ତେଲୁଗୁ ଚଳଚ୍ଚିତ୍ରରୁ ଆସିଥିଲା ଫିଲ୍ମ ପାଗଳପ୍ରେମୀ। ଏହା ଦେଖି ବନ୍ଧୁ କହିଲେ ତାହେଲେ ହିନ୍ଦୀ ଚଳଚ୍ଚିତ୍ରକୁ ବି ଡବିଂ କରିବା ଉଚିତ୍, ଯେମିତି ଅମିତାଭ ବଚ୍ଚନ୍ ଙ୍କ ନିଶବ୍ଦ ହେଉ ଅବା ଚିନିକମ୍ ହେଉ, ଆଉ ତା'ନାଁ ରଖିବା କଣ? ମୁଁ ହସିଦେଇ କହିଲି, ହଁ ଯଦି ସେଥିରେ ପ୍ରଶାନ୍ତ ନନ୍ଦ ରୋଲ୍ କରନ୍ତି ସହଜରେ ନାଁଟେ ମିଳିଯିବ, ପାକଳ ପ୍ରେମୀ'। ଦୁଇ ବନ୍ଧୁ ଯୋରରେ ହସି ଉଠିଲୁ। ଏହି ବାର୍ତ୍ତାଳାପ କିନ୍ତୁ ମାଉସୀଙ୍କୁ ପସନ୍ଦ ହେଲାନି। କହିଲେ, ତୁମେ ଦିଟା ଓଡିଆ ସିନେମା ଦେଖୁନ ଖାଲି କମେଣ୍ଟ୍ କରି ଜାଣିଚ। ମୁଁ କହିଲି, ମୋତେ କ୍ଷମାକର ମାଉସୀ ସେଇ ଏକା ଏକା କାହାଣୀ ଆଉ କନ୍ଦାକଟା ଦେଖିବା ମୋ ପକ୍ଷରେ ସମ୍ଭବ ନୁହେଁ।

ମୋର ମନେ ଅଛି, ଗୋଟିଏ ସିନେମା ଆସିଥିଲା, 'ପୁଅ ମୋର ଭୋଳାଶଙ୍କର' ସେଇ ସିନେମା ଦେଖିବାକୁ ଯାଇ ମାଉସୀ ଲୁଗାର କାନି ଓଦା କରି ଫେରିଥିଲେ। ଆଉ ସେ ଆସିବା ପରେ ଅଜସ୍ର ଲୋକଙ୍କୁ ସେଇ ସିନେମା ଦେଖାଇବା ପାଇଁ ପ୍ରବର୍ତ୍ତାଇଥିଲେ ମଧ୍ୟ। ଅଥଚ ସେଇ ଚଳଚ୍ଚିତ୍ର ବି ଏକ ଅଣଓଡିଆ ଚଳଚ୍ଚିତ୍ରର ଆଡୁଆଳରେ ନିର୍ମିତ ହୋଇଥିଲା। ସବୁ ସିନେମାରେ ସେଇ ଏକା ପ୍ରକାରର ଡାଏଲଗ୍, 'ବନ୍ଧୁ ତୁମେ ଥଲ ଆମେ ଆଇଲ।' ଏହା କଣ ଓଡିଆ? ସମ୍ଭବତଃ ନୁହେଁ, କିମ୍ବା ଯଦି କେହି କହୁଥାଆନ୍ତି ଯେ ଏହା ଓଡିଆ ତା'ହେଲେ ସେହି ବନ୍ଧୁ ଏହି ସବୁ ଚଳଚ୍ଚିତ୍ର ଦେଖି ଆମୋଦିତ ହେଉଥିବେ। ଆଉ ସେମିତିକା କିଛି ଲୋକଙ୍କ ପାଇଁ ଚାଲୁଛି ଓଡିଆ ସିନେମା। ହେଲେ କଥାରେ ଅଛି, କନା ରହିଛି କର୍ପୂର ଉଡିଯାଇଛି।

ଓଡିଆ ଭାଷାର ଅନେକ ଚଳଚ୍ଚିତ୍ର ରହିଛି। ଯାହାକୁ ମନେ ପକାଇବା ଆମପାଇଁ ବର୍ତ୍ତମାନ ଏକ ସ୍ୱପ୍ନ ହୋଇ ରହିଛି

ଦ୍ୱିତୀୟ ବର୍ଷ
ଅଷ୍ଟମ ସଂଖ୍ୟା
Vol: 2 Issue: 8
September, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
ଆହ୍ୱାନ

ମାତ୍ର। ସେମିତିକା କିଛି ଚଳଚ୍ଚିତ୍ର ଏବେ ବି ମନକୁ ଆସେ ଯେମିତି, ପୂଜା, ସିନ୍ଦୁରବିନ୍ଦୁ, ଶେଷଶ୍ରାବଣ, ଅଦିନମେଘ, ନୁଆବୋହୁ, ଧରିତ୍ରୀ, ଆହୁରି ଅନେକ। କିନ୍ତୁ ସେ ସବୁକୁ ଦେଖିବାପାଇଁ କୌଣସି ସୁବିଧା ନାହିଁ, ହିନ୍ଦୀ ଏବଂ ଅନ୍ୟ ଅଣଓଡିଆ ଚଳଚ୍ଚିତ୍ରଭଳି ଭିଡିଓ ଟେପ୍ ବା ସିଡି ନିର୍ମାଣ ଓଡିଆ ଚଳଚ୍ଚିତ୍ର ପାଇଁ ଅଦ୍ୟବଧି ହୋଇନାହିଁ। ଆଉ ଯେଉଁକିଛି ଓଡିଆ ଚଳଚ୍ଚିତ୍ର ହୋଇଛି ସେ ସବୁ ଚାଲୁ ସିନେମା ଭାବରେ ପରିଗଣିତ ହେବେ।

ମହମ୍ମଦ ସିକନ୍ଦର ଆଲମ, ପ୍ରଫୁଲ୍ଲ କର, ଚିତ୍ତଜେନା, ପ୍ରଣବ ପଟ୍ଟନାୟକ, ଅକ୍ଷୟ ମହାନ୍ତିଙ୍କ ପରି ଅନେକ ମହାନ ସଙ୍ଗୀତ ଶିଳ୍ପୀ ଓଡିଆ ସଙ୍ଗୀତ ଆକାଶର ତାରା, ଏବେ ନିରବ, କାଁ ଭାଁ ଦୂରଦର୍ଶନରେ ସାମୁହିକ ସଙ୍ଗୀତ ବା ସୁଗମ ସଙ୍ଗୀତ ଗାଉଥିବା ଦେଖାଯାଆନ୍ତି। କାହିଁ ସେଇ ସୁର ଲାଳିତ୍ୟ ଯାହାକୁ ଶୁଣି ଆମେ ପ୍ରତିଦିନ ସକାଳୁ ସ୍କୁଲ୍ ଯିବାପାଇଁ ତୟାର ହେଉଥିଲୁ। ଅଶି ଦଶକରେ ଏବଂ ନବେ ଦଶକରେ ଆକାଶବାଣୀ କଟକ କେନ୍ଦ୍ରରୁ ପ୍ରଚାରିତ ସିନେମା ସଙ୍ଗୀତରେ ବଢିଛୁ ଆମେ, ଆମକୁ ଚଳିତ ଚାଲୁଥିବା ଏହି ସବୁ ସଙ୍ଗୀତ ପସନ୍ଦ ହେବ କେମିତି?

ଓଡିଆ ସମାଜ ଅବକ୍ଷୟମୁଖୀ ଏହାର ଏକ ନିକୃଷ୍ଟ ଉଦାହରଣ ହେଉଛି ଓଡିଆ ସିନେମା। ଏଠି ନାଁ ଶ୍ରୁତିମଧୁର ଗୀତ ଅଛି, ନା ମନକୁ ଆନ୍ଦୋଳିତ କଲାଭଳି କାହାଣୀ, ନାଁ ନୂତନ ଚେହେରା ଅଛନ୍ତି, ନାଁ କଥାର ଧାରା ବିବରଣୀ, ସବୁ ଏଠି ଖାଲି ମେକାନିକାଲ୍ ଭାବରେ ଚାଲୁଛି ସିନା, ହେଲେ କୌଣସି ପ୍ରକାର ଓଡିଆ ଜାତି ପ୍ରାଣକୁ ଛୁଇଁ ପାରୁନି। ଅଳ୍ପକିଛି ସିନେମା କଳାକାର, ନିର୍ଦ୍ଦେଶକ ଓ ପ୍ରଯୋଜକ ଅଣଓଡିଆ ଚଳଚ୍ଚିତ୍ରକୁ ନକଲ କରି ନିଜେ ଧନି ହେଉଛନ୍ତି ଆଉ ଠକି ହେଉଛନ୍ତି ଓଡିଆ। ସେ ଯା'ହେଉ କଥାରେ ଅଛି ବେଲ ଗଛରେ ବେଲ ପାଚିଲେ କାଉର ଯାଏ ଆସେ କେତେ। ଲୋକ ଠକି ହେଉଛନ୍ତି ବୋଲି ତ ଲୋକ ଠକୁଛନ୍ତି।

# ଆମରି ସ୍ୱର: ସ୍ୱର କାହିଁ?

ଇ-ଟିଭି ଓଡିଆ ଆନୁକୂଲ୍ୟରେ ଆରମ୍ଭ ହୋଇଛି ଏକ ସଂଗୀତ ପ୍ରତିଯୋଗୀତା ମୂଳକ କାର୍ଯ୍ୟକ୍ରମ ଆମରି ସ୍ୱର। ଓଡିଶାର ବଛା ବଛା ସାତ ଆଠଟି ସହରରୁ ଯୁବକଯୁବତୀ ମାନଙ୍କୁ ଏକ ନୂତନ ପ୍ଲାଟଫର୍ମ ଦେବା ଆଶାରେ ଆରମ୍ଭ ହୋଇଛି, ଏହି କାର୍ଯ୍ୟକ୍ରମ। ପ୍ରତି ରବିବାର ରାତି ନ'ଟାରେ ଇ-ଟିଭି ଓଡିଆରେ ପ୍ରସାରିତ ହେଉଥିବା ଏହି କାର୍ଯ୍ୟକ୍ରମର ଦର୍ଶକଙ୍କ ସଂଖ୍ୟା ଧିରେ ଧିରେ ବଢିବାକୁ ଲାଗିଛି। ଏହାକୁ ଭିତ୍ତିକରି ଆମର ଆଲେଖ୍ୟ।

ବିଗତ କିଛି ମାସଧରି ଇ-ଟିଭି ଓଡିଆରେ ବହୁଳ ପ୍ରସାରିତ ବିଜ୍ଞାପନ ଆମରି ସ୍ୱରର ଅଡିସନ୍ ପାଇଁ ଯେତେବେଳେ ଦିନ ଧାର୍ଯ୍ୟ ହୋଇଥିଲା, ଓଡିଶାର ବିଭିନ୍ନ ସହର ସମେତ ପୁରପଲ୍ଲୀରେ ବି ଯୁବାବର୍ଗରେ ଅପୁର୍ବ ଉତ୍ସାହ ଦେଖାଦେଇଥିଲା। ଅବଶ୍ୟ ଏହି ଧରଣର ଅନେକ କାର୍ଯ୍ୟକ୍ରମ ରାଷ୍ଟ୍ରୀୟ ସ୍ତରରେ ଚାଲୁଥିଲେ ମଧ୍ୟ ଓଡିଆ ପଛରେ ଥିଲା। ତେଣୁ ଏହି କାର୍ଯ୍ୟକ୍ରମ ହେଉଛି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଓଡିଶାର ଭୁବନେଶ୍ୱର, ବାଲେଶ୍ୱର, ରାଉରକେଲା, ଜୟପୁର, ବ୍ରହ୍ମପୁର, ଆଦି ସହରରେ ହୋଇଥିବା ଅଡିସନ୍‌ରେ ଶହସ୍ରାଧିକ ଲୋକ ଜମାହେବା ଏବଂ ଏଥିରେ ଭାଗ ନେବା ଏହି କାର୍ଯ୍ୟକ୍ରମର ସଫଳତାକୁ ଦର୍ଶାଉଥିଲା। ଆଉ ମଧ୍ୟ ଏଥିରୁ ଜଣା ପଡୁଥିଲା ସଙ୍ଗୀତପାଇଁ ଓଡିଆଙ୍କ ଅନୁରକ୍ତି। ବିଭିନ ଜିଲ୍ଲାରୁ ହଜାର ହଜାର ସଂଖ୍ୟାରେ ଯୁବକ ଯୁବତୀ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ ଏବଂ ସେମାନଙ୍କ ମଧ୍ୟରୁ ବଛା ହୋଇ ଯାଇଥିଲେ ମାତ୍ର କେଇଜଣ। ଟିଭିରେ ପ୍ରସାରଣ ହେବା ପୂର୍ବରୁ ଏହି କାର୍ଯ୍ୟକ୍ରମ ଅନେକ ସନ୍ଦେହାସ୍ପଦ ହୋଇପଡିଥିଲା, ସ୍ଥାନେ ସ୍ଥାନେ ପ୍ରତିଯୋଗୀମାନେ ଏହି କାର୍ଯ୍ୟକ୍ରମକୁ ଏକ ଫାର୍ସ ବୋଲି ମଧ୍ୟ ଅଭିଯୋଗ କରିଥିଲେ।

ଗୀତଗାଇବା ଆଶାରେ ଚାରିଘଣ୍ଟାକାଳ ଧାଡିରେ ଠିଆ ହୋଇଥିବା ଜନୈକ ପ୍ରତିଯୋଗୀ ଗୀତ ଗାଇବାକୁ ଆରମ୍ଭ କରିବାର ମାତ୍ର କେଇ ସେକଣ୍ଡ ପରେ ତାଙ୍କୁ ବିଦାକରି ଦିଆଯିବା ପରେ ପ୍ରତିକ୍ରିୟା ପ୍ରକାଶ କରି କହିଥିଲେ, 'ଏଠି ସବୁ ଫିକ୍ସିଂ ହେଇଛି। ନହେଲ ଗୀତ ଆରମ୍ଭ କରିବା ପୂର୍ବରୁ ଆମକୁ କାହିଁକି ବିଦାୟ କରିଦେଲେ?' ଅନୁରୂପ ଅଭିଯୋଗ ଆଣିଛନ୍ତି ଅନେକ ପ୍ରତିଯୋଗୀ, ଅବଶ୍ୟ ହାରିଯାଇଥିବା ଯୋଦ୍ଧା ସମସ୍ତ ଦୋଷ ଅନ୍ୟକୁ ହିଁ ଦିଏ ଏହି ନ୍ୟାୟରେ ଆମେ ସେମାନଙ୍କ କଥାକୁ ଅଧିକ ଗୁରୁତ୍ୱ ଦେଇନଥିଲୁ। କିନ୍ତୁ କାର୍ଯ୍ୟକ୍ରମ ଯେତେବେଳେ ଟିଭିରେ ପ୍ରସାରିତ ହେଲା ସେଇ ସବୁ ଅଭିଯୋଗର ସତ୍ୟାସତ୍ୟ ଉପରେ ପୁନର୍ବିଚାର କରିବାକୁ ବାଧ୍ୟ ହେଲୁ। ପ୍ରଥମ ଏପିସୋଡ୍‌ରେ ଗାଇଥିବା ଅଧିକାଂଶ ପ୍ରତିଯୋଗୀ ସଂପୂର୍ଣ୍ଣ ଭାବରେ ଓଡିଆରେ ବି କଥା ହେବାକୁ ସକ୍ଷମ ହେଉନଥିଲା ବେଳେ ସେହି ମାନଙ୍କୁ କେଉଁ ନ୍ୟାୟରେ ଆମରି ସ୍ୱର ପରି ଏକ ମଞ୍ଚରେ ଠିଆ କରାଇଦିଆଗଲା ତାହା ଅବଶ୍ୟ ପ୍ରଶ୍ନବାଚୀ!!!! ପୁନଶ୍ଚ କାର୍ଯ୍ୟକ୍ରମର ପ୍ରଥମ ସୋପାନରେ ଓଡିଶା ସାରା ବୁଲି ବୁଲି ପ୍ରତିଯୋଗୀମାନଙ୍କୁ ବାଛିଥିବା ଜର୍ଜମାନେ ନିଷ୍ପତ୍ତିମୂଳକ ସୋପାନରେ କେଉଁଠି ଲୁଚିଗଲେ ତାହା ଜଣାପଡିଲା ନାହିଁ, ଏମିତି ସ୍ଥଳରେ ନୂତନ ଭାବରେ ନିଯୁକ୍ତ ଜର୍ଜମାନେ ପ୍ରତିଯୋଗୀମାନଙ୍କୁ ନିରୁତ୍ସାହିତ କଲାଭଳି ଆକ୍ଷେପ କଲାବେଳେ ସେମାନଙ୍କୁ ବାଛିଥିବା ମଣ୍ଡଳୀ ଅବଶ୍ୟ ରହିବା ଦରକାର ଥିଲା।

କାର୍ଯ୍ୟକ୍ରମକୁ ପରିଚାଳନା କରୁଥିବା ଉପସ୍ଥାପିକା ଦୁଇଜଣ କ'ଣ କହୁଛନ୍ତି ତାହା ଅନେକାଂଶରେ ବୁଝିବା କଷ୍ଟକର ହୋଇପଡୁଛି, ବର୍ତ୍ତମାନ ବି ଓଡିଶାର ଅସଂଖ୍ୟ ଗ୍ରାମାଞ୍ଚଳରେ ଟିଭି ଦେଖୁଥିବା ଦର୍ଶକଙ୍କ ଆଗରେ ଖଣ୍ଟି ହିନ୍ଦୀ ଓ ଇଂରେଜୀ ଚୋବାଉଥିବା ଏହି ଦୁଇଜଣ ଉପସ୍ଥାପିକା ଖୁବ୍ ହାସ୍ୟର କେନ୍ଦ୍ର ହୋଇଛନ୍ତି। ଖାଣ୍ଟି ଓଡିଆ ଚଳଣୀ, ପୋଷାକ ଓ ଭାଷାକୁ ଧେୟ କରିଥିଲେ, ଆମେ ଛୋଟ ହୋଇ ଯାଇଥାନ୍ତେ କି?  ଆମରି ସ୍ୱର ପରି ଏକ ଖାଣ୍ଟି ଓଡିଆ କାର୍ଯ୍ୟକ୍ରମରେ ଓଡିଆ ବ୍ୟତୀରେକ ଅନ୍ୟ ଭାଷାର ପ୍ରୟୋଗ କମ୍ କଲେ ଭଲହୁଅନ୍ତା।

କାର୍ଯ୍ୟକ୍ରମର ଅଦ୍ୟାବଧି ଦେଖାଯାଇଥିବା ମାତ୍ର କେଇଟା ଏପିସୋଡ୍‌ରୁ ଏଠାରେ ଭାଗ ନେଇଥିବା ପ୍ରତିଯୋଗୀ ମାନଙ୍କ ବିଷୟରେ ଏତିକି ଧାରଣା ମିଳିଲା ଯେ ଓଡିଶାରେ କ'ଣ ପ୍ରତିଭାର ଅଭାବ ରହିଛି??? ନହେଲେ ଏଇ ସବୁ ପ୍ରତିଯୋଗୀମାନଙ୍କୁ ବଛାଗଲାବେଳେ ଯେଉଁ ସବୁ ଜର୍ଜମାନେ ଥିଲେ ସେମାନେ କଣ କାନରେ ତୁଳାଠୁସି ବସିଥିଲେ, ନାଁ ଆଉ କିଛି କରୁଥିଲେ। ଓଡିଶାରେ ଜନ୍ମ ହୋଇ ଓଡିଆ କହିପାରୁନଥିବା ପ୍ରତିଯୋଗୀମାନଙ୍କୁ ବାଛି ସେମାନେ ସମସ୍ତ ଓଡିଶାକୁ ନତମସ୍ତକ କରିବାକୁ ଚକ୍ରାନ୍ତ କରୁଛନ୍ତି ବୋଲି ମତ ଦିଅନ୍ତି ଜନୈକ ଗୃହିଣୀ, ଯିଏ ଇ-ଟିଭି ଓଡିଆର ଏକ ପ୍ରମୁଖ ଦର୍ଶକ। ରବିବାର ସନ୍ଧ୍ୟାରେ ଇ-ଟିଭିର ଏହି କାର୍ଯ୍ୟକ୍ରମ ଦେଖୁଥିବା ଅସଂଖ୍ୟ ଦର୍ଶକ ଯେ ନିଶ୍ଚୟ ନିରୁତ୍ସାହିତ ହୋଇଥିବେ ଏଥିରେ ସନ୍ଦେହ ନାହିଁ। ଦିନେ ଟ୍ରେନ୍‌ରେ ଭୁବନେଶ୍ୱର ଯିବାବାଟରେ ଜଣେ ଅନ୍ଧ ଭିକାରୀର କରୁଣ ଗୀତ ଶୁଣି ଜଣେ ସହଯାତ୍ରୀ ଆରଜଣକୁ କହୁଥିଲେ, ଏମାନେ ଯଦି ୟାଂକୁ ନେଇଥାଆନ୍ତେ ତେବେ ଇୟେ ଆମରି ସ୍ୱରରେ ଚଂପିୟନ ହୋଇଥାଆନ୍ତା। ଏଠାରେ କୁହାଯାଇପାରେ ଯେ ପ୍ରିୟା ପ୍ରୀତିତୋଷଣ ଜନିତ କାରବାର ନିଶ୍ଚୟ ହୋଇଛି। ନହେଲେ କ'ଣ ତିନିକୋଟିରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଓଡିଶାରେ ଗୀତଟିଏ ସଠିକ୍ ଗାଇଲା ଭଳିଆ ଗାୟକ ନାହାନ୍ତି? ହାତମୁଠା ପ୍ରତିଯୋଗୀଙ୍କୁ ସବୁକିଛି କରିଦେଇ ହିନ୍ଦୀ ଓ ଅନ୍ୟ ଆଞ୍ଚଳିକ ଟିଭି କାର୍ଯ୍ୟକ୍ରମରେ ଦେଖାଯାଉଥିବା ନାଟକ ସବୁ କରାଇବାରେ ସକ୍ଷମ ଇ-ଟିଭି କିନ୍ତୁ ଓଡିଆ ଦର୍ଶକ ମାନଙ୍କୁ ପ୍ରକୃତ ପ୍ରତିଭା ସହ ସାମନା କରାଇବାରେ ବିଫଳ ହୋଇଛି ଏହା ସଂପୂର୍ଣ୍ଣ ସତ୍ୟ।

କାର୍ଯ୍ୟକ୍ରମର ପ୍ରଥମରୁ ହିଁ ନାଟକ ସବୁ ଦେଖିବାକୁ ମିଳିଥିଲା। ବିଫଳତାରେ ଅଧିର ପ୍ରତିଯୋଗୀମାନଙ୍କର କାନ୍ଦଣା ଓଡିଆ ଦର୍ଶକ ମାନଙ୍କୁ ରାଷ୍ଟ୍ରୀୟ ସ୍ତରରେ ହେଉଥିବା

ସଂଗୀତଭିତ୍ତିକ କାର୍ଯ୍ୟକ୍ରମ ଇଣ୍ଡିଆନ ଆଇଡଲ୍, ସାରେଗାମାପା ଏବଂ ଭଏସ୍ ଅଫ୍ ଇଣ୍ଡିଆର ସ୍ମୃତି ସତେଜ କରିଦେଇଥିବ। ସେ ଯା'ହେଉ କାର୍ଯ୍ୟକ୍ରମରେ ଭାଗନେଉଥିବା ଅନେକ ପ୍ରତିଯୋଗୀଙ୍କ ଓଡିଆ କଥା କହିବା ଶୈଳୀ ଦେଖିଲେ ଦୁଃଖହୁଏ, କିନ୍ତୁ ସେହି ପ୍ରତିଯୋଗୀଙ୍କୁ ଏମିତିକା ଏକ ଅତ୍ୟନ୍ତ ଭଲ ସ୍ଥାନରେ ନେଇ ଅନ୍ୟ ଆଗରେ ଆମର ପ୍ରତିଭା ବୋଲି ଦେଖାଇବା ଆଦୌ ଗ୍ରହଣୀୟ ନୁହେଁ। ଅବଶ୍ୟ ବିଗତ ସପ୍ତାହର କାର୍ଯ୍ୟକ୍ରମରେ କିଛି ପ୍ରତିଯୋଗୀ ଶ୍ରୁତିମଧୁର ଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରୁଥିବା ଜର୍ଜମାନେ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବାର ଆବଶ୍ୟକତା ରହିଛି। ଆଶା କରାଯାଉଛି ଆଗାମୀ ଦିନମାନଙ୍କରେ ଭଲ ପ୍ରତିଯୋଗୀ ଆସିବେ ଏବଂ ଆହୁରି ଶ୍ରୁତି ମଧୁର ଗୀତ ପରିବେଷଣ କରିବେ।

# ଶୁଖୁଆ: ଏକ ଅନନ୍ୟ ସଂରକ୍ଷିତ ଖାଦ୍ୟ

ଶନିବାର ସନ୍ଧ୍ୟାରେ ଭୁବନେଶ୍ୱରରୁ ବ୍ରହ୍ମପୁର ଫେରୁଥିବା ସମୟରେ ବ୍ରହ୍ମପୁରଠାରୁ ପ୍ରାୟ ୩୫ କିଲୋମିଟର ପୂର୍ବରୁ ଗୋଟିଏ ସ୍ଥାନରେ ହଠାତ୍ ଗାଡି ଅଟକାଇଲି। ବାୟୁ ମଣ୍ଡଳରେ ବିସ୍ତାରିତ ସୁଗନ୍ଧ ଯାହାକୁ ମୋର ପ୍ରିୟ ପତ୍ନୀ ଦୁର୍ଗନ୍ଧ ବୋଲି କହନ୍ତି, ମୋତେ ଆକର୍ଷିତ କରୁଥିଲା, ଆଉ ତାହା ଥିଲା ସଜ ଶୁଖୁଆର ବାସ୍ନା। ଓଡିଆ ଖାଦ୍ୟରେ ଶୁଖୁଆର ବିଶେଷ ସ୍ଥାନ ରହିଛି। ଡାକ୍ତରୀ ପଢୁଥିବା ସମୟରେ ପଢିଛି, ଯେ ଚିଙ୍ଗୁଡି ଶୁଖୁଆରେ ସର୍ବାଧିକ ମାତ୍ରାରେ କ୍ୟାଲ୍‌ସିୟମ୍ ଥାଏ। ସେ ଅନ୍ୟ କାରଣ ହୋଇଥାଇ ପାରେ କିନ୍ତୁ ଶୁଖୁଆ ସହିତ ମୋର ପରିଚୟ ଆଜନ୍ମ। ଗ୍ରାମାଞ୍ଚଳରେ ଅଦ୍ୟାବଧି ମାଣ୍ଡିଆ ଜାଉ କଂସା ସାଥିରେ ଖଣ୍ଡିଏ ଶୁଖୁଆ ଭୋକିଲା ପେଟକୁ ଥଣ୍ଡା କରିବାର ସର୍ବାଧିକ ଆଦୃତ ବ୍ୟବସ୍ଥା। ସହରରେ ବୋଧହୁଏ ଲୋକ ଭାବନ୍ତି, ଏହା କେବଳ ଗରିବଙ୍କ ଖାଦ୍ୟ, କିନ୍ତୁ ମୁଁ ବ୍ୟକ୍ତିଗତ ଭାବେ ଚିନ୍ତାକରେ, ଶୁଖୁଆ ଖାଇବାଟା ଜାତି, ଧର୍ମ ଓ ସାମାଜିକ ତଥା ଅର୍ଥନୈତିକ ବ୍ୟବସ୍ଥାର ଉେର ଉପରେ। କାରଣ ମୁଁ ତ ଆଉ ଗରିବ ନଥିଲି, କିନ୍ତୁ କାହିଁକି କେଜାଣି ମୁଁ ଶୁଖୁଆ ଖାଇବାକୁ ଭଲ ପାଉଥିଲି, ଆଉ ଆମ ଘରେ ତଥା ପଡୋଶୀ ସମସ୍ତେ ଏହି ବିଶେଷ ପ୍ରକାରର ସଂରକ୍ଷିତ ପଦ୍ଧତିରେ ନିର୍ମିତ ମାଛକୁ ଖାଇବାକୁ ଭଲ ପାଉଥିଲୁ।

## ଶୁଖୁଆ: କାହିଁକି?

କ୍ଲାନ୍ତ ଅପରାହ୍ନରେ ଘର ଅଗଣାରେ ବସି ପଖାଳ କଂସା ସାଥିରେ ସାନ ଶୁଖୁଆ ଖଣ୍ଡେ ଧରି ଭାତକୁ ଉଦରସ୍ଥ କରିବାର ଅତୀତର ଅନେକ ସ୍ମୃତି ଉଜାଗର ହୋଇଉଠିଲା। ଘରେ ମା' ପ୍ରସ୍ତୁତ କରୁଥିବା ଶୁଖୁଆ ରାଇ ହେଉ ଅବା ପୋଇ ପତ୍ର ଦେଇ ଶୁଖୁଆ ତରକାରୀ, କିମ୍ବା ଖାଲି ଶୁଖୁଆ ଭଜା ଖଣ୍ଡେ, ହେଉ ଅବା ଜାଉ କଂସା ସାଥୀରେ ଲୁଣି ଶୁଖୁଆର ଖଣ୍ଡିଏ, ଅବା ଚିଙ୍ଗୁଡି ଶୁଖୁଆକୁ ଆଳୁ ସହ ଶୋରିଷ ଦେଇ ରାଇ କରିବା ଇତ୍ୟାଦିର ସ୍ୱାଦ, ନିଶ୍ଚୟ ଅନେକ ପାଠକଙ୍କ ମୁହଁକୁ ଲାଳରେ ଓଦା କରିଦେଇଥିବ। ଶୁଖୁଆ ଏକ ସଂରକ୍ଷିତ ଖାଦ୍ୟ। ବର୍ତ୍ତମାନର ପ୍ୟାକେଜ୍‌ଡ ଫୁଡ୍ ଜମାନା ଆସିବାର ଶହ ଶହ ବର୍ଷ ପୂର୍ବରୁ ଆମ ପୂର୍ବପୁରୁଷ ମାନେ ଆବିଷ୍କାର କରିଥିବା ଏହି ଖାଦ୍ୟ ବର୍ତ୍ତମାନ ମଧ୍ୟ ସେହି ସମ୍ମାନର ଅଧିକାରୀ ହୋଇଛି ଯାହା ବିଗତ ଶତାଧିକ ବର୍ଷରେ ଏହା ପାଇଛି। ଗାଁ ଗାଁରେ ଶୁଖୁଆ ବ୍ୟାପାରୀ ମାନଙ୍କ ଭାଉ ଯେ କେତେ ଅଧିକ, ଦେଖିବା ଲୋକ ହିଁ ବିଶ୍ୱାସ କରିପାରେ।

## ହୁମ୍ମା: ଶୁଖୁଆର ଗଡ

ସେଦିନ ସନ୍ଧ୍ୟା ପ୍ରାୟ ସାତଟା ବେଳକୁ ହୁମ୍ମା ସହର ରାଷ୍ଟ୍ରୀୟ ରାଜପଥ ସଂଲଗ୍ନ ଏହି ହାଟ ପଡିଆରେ ଜରି ଗୁଡାଇ ହୋଇ ଶଗଡ ଶଗଡ ବା ଟ୍ରକ୍ ଟ୍ରକ୍ ସଂଖ୍ୟାରେ ଶୁଖୁଆ ଜମା ହୋଇଥିଲା। ଏପରି ଏକ ଦୃଶ୍ୟ ଅବଶ୍ୟ ମୋ ପାଇଁ ନୂଆଁ ନଥିଲା, କିନ୍ତୁ ମୋ ସ୍ତ୍ରୀଙ୍କ ପାଇଁ ଏହା ଏକ ଆମୋଦକର ଦୃଶ୍ୟ ଅବଶ୍ୟ ଥିଲା। ସେ ଯା'ହେଉ ଅଧିକ ସମୟ ସେଠାରେ ରହିବା

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଦ୍ୱିତୀୟ ବର୍ଷ
ଅଷ୍ଟମ ସଂଖ୍ୟା
Vol: 2 Issue: 8
September, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଆହ୍ବାନ

ସମ୍ଭବ ହୋଇପାରିଲା ନାହିଁ, କାରଣ ସନ୍ଧ୍ୟା ଧିରେ ଧିରେ ଅନ୍ଧକାରମୟ ହୋଇ ଆସୁଥିଲା। ଅଗତ୍ୟା ବ୍ରହ୍ମପୁର ଫେରିଆସିବାକୁ ହେଲା।

'ହୁମ୍ମା', ବ୍ରହ୍ମପୁର ଭୁବନେଶ୍ୱର ରାଷ୍ଟ୍ରୀୟ ରାଜପଥ ୫ ସଂଲଗ୍ନ ଏକ ଛୋଟିଆ ଗାଁ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହା ତତ୍‌କାଳୀନ ରାଜାରାଜୁଡାଙ୍କ ମୁଖ୍ୟସ୍ଥଳୀ ଥିଲା ଯେଉଁଠାରୁ ସେମାନେ ପୁରୀ ଯିବାପାଇଁ ଚିଲିକା ଉପର ଦେଇ ଯିବାପାଇଁ ଛକ ଭାବରେ ବ୍ୟବହାର କରୁଥିଲେ। ବର୍ତ୍ତମାନ ମଧ୍ୟ ଏହିଠାରୁ ପୁରୀ ଯିବାପାଇଁ ଚିଲିକା ଉପରେ ଏକ ଅଳ୍ପ ଦୂରତ୍ୱର ରାସ୍ତା ରହିଛି, ଏବଂ ଦୈନିକ ଅସଂଖ୍ୟ ଗାଡି ମୋଟର ଏହି ରାସ୍ତାରେ ଯିବା ଆସିବା କରନ୍ତି। ହୁମ୍ମା ପ୍ରସିଦ୍ଧ ଅନେକ କାରଣରୁ ଏବଂ ସେ ସବୁରୁ ମୁଖ୍ୟ ହେଲା, ଲୁଣ ମରା। ଏହି ରାସ୍ତାରେ ଯାଇଥିବା ପ୍ରତ୍ୟେକ ବ୍ୟକ୍ତି ଗାଡିରୁ ବାହାରକୁ ଦେଖିଲେ ଲୁଣ ମରାଯିବାର ପ୍ରାକୃତିକ ଉପାୟ ଦେଖିପାରିବେ।

## ଶୁଖୁଆ ହାଟରୁ କିଛି

ସେ ଯା'ହେଉ ଆମେ ହୁମ୍ମାକୁ ମନେ ରଖିବା ଏହାର ବିଶେଷ ସାପ୍ତାହିକ ହାଟ ପାଇଁ, ଯାହାକୁ ଶୁଖୁଆ ହାଟ ବୋଲି ପ୍ରସିଦ୍ଧି ମିଳିଛି। ପ୍ରତି ଶନିବାର ଅପରାହ୍ନରେ ଏଠାରେ ଜମାହୁଏ ଅଜସ୍ର ଶୁଖୁଆର ସମ୍ଭାର, ଏବଂ ରବିବାର ସକାଳ ସୂର୍ଯ୍ୟ ମୁଣ୍ଡ ଉପରକୁ ଆସିବାପୂର୍ବରୁ ସବୁକିଛି ଶୂନ୍‌ସାନ ହୋଇ ସାରିଥାଏ। ଏହି ହାଟରେ କାରବାର ଅନ୍ଧାର ହେବାପରେ ହୁଏ, ମାନେ ରାତିରେ। ବ୍ୟାପାରୀ ମାନେ ସନ୍ଧ୍ୟା ସୁଦ୍ଧା ନିଜ ଦ୍ୱାରା ନିର୍ମିତ ଶୁଖୁଆ ଧରି ଏଠାରେ ପହଞ୍ଚନ୍ତି, ଏବଂ ରାତିରେ ହିଁ କାରବାର ସମାପ୍ତ କରି ସକାଳୁ ସକାଳୁ ନିଜ ନିଜ ସ୍ଥାନକୁ ଫେରିଯାଆନ୍ତି। ଏତେ ବଡ ହାଟରେ ବର୍ତ୍ତମାନ ସୁଦ୍ଧା ବି ପୁରାତନ ବ୍ୟବସ୍ଥାରେ ହିଁ ବ୍ୟବସାୟ ହୁଏ। ବିଜ୍ଞାନର ଅଭୁତପୂର୍ବ ଉନ୍ନତି ହେଉଥିଲେ ବି, ଏହି ହାଟରେ ଶୁଖୁଆ ବିଶ୍ୱାସରେ ବ୍ୟାପାର କରାଯାଏ। କୁଣ୍ଡିରେ ଶୁଖୁଆ ରଖି ବ୍ୟାପାର କରାଯାଏ, ପ୍ରତ୍ୟେକ କୁଣ୍ଡିରେ ୩୦ କେଜି ଶୁଖୁଆ ରହେ। ଏମିତି ଗୋଟିଏ ରାତିରେ ଏଠାରେ ପାଞ୍ଚରୁ ଛ କ୍ୱିଣ୍ଟାଲ୍ ଶୁଖୁଆର କାରବାର ହୋଇଥାଏ। ଏତେ ଶୁଖୁଆ!!! ମୋ ପ୍ରିୟତମା ପତ୍ନୀ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଥିଲେ। ହସିଦେଇ କହିଲି, ଆଉ ତୁମେ କହୁଛ ଏହା କେବଳ ଗରିବ ଖାଆନ୍ତି? ଦେଖ ଛ କ୍ୱିଣ୍ଟାଲ୍ ଶୁଖୁଆ ଏକ ରାତିରେ କାରବାର ହେଉଛି ମାନେ ସମାଜର ପ୍ରତ୍ୟେକ ବର୍ଗର ଲୋକ ଏହାକୁ ଖାଆନ୍ତି। ସମ୍ଭବତ: ତୁମେ କେବେ ଏହି ପଦାର୍ଥକୁ ଉଦରସ୍ଥ କରିନାହଁ, ନହେଲେ ତୁମେ ଏମିତି ମୁହଁରେ ରୁମାଲ୍ ଦେଇ ଏଠାରେ ଠିଆ ହୋଇନଥାନ୍ତ।

## ଶୁଖୁଆ: ବ୍ୟବସାୟ

ହୁମ୍ମା ହାଟକୁ ଶୁଖୁଆ ଆସେ ଦକ୍ଷିଣ ଓଡିଶାର ସମୁଦ୍ର ଉପକୂଳସ୍ଥ ବିଭିନ୍ନ ନୋଳିଆ ବସ୍ତି ଯଥା ଆର୍ଜିପଲ୍ଲୀ, ସୁରଳ, ସୁମାଣ୍ଡି, ପାଳିବନ୍ଧ ଇତ୍ୟାଦି ସ୍ଥାନରୁ। ଏତଦ୍‌ବ୍ୟତୀତ ସୁଦୂର ଆନ୍ଧ୍ରାରୁ କାକିନାଡା, ସୋମ୍‌ପେଟା ଆଦି ସ୍ଥାନରୁ ବି ଆସେ। ଏହା ବ୍ୟତୀତ ସ୍ଥାନୀୟ ଅଧିବାସୀ ମାନେ ବି ଶୁଖୁଆ କରିବରେ ନିପୁଣ। ହୁମ୍ମାରେ ଶୁଖୁଆ ବ୍ୟାପାର ହେବାର ମୁଖ୍ୟ କାରଣ ହେଉଛି, ଏଠାରେ ସମୁଦ୍ର ଓ ନଦୀର ସଂଗମସ୍ଥଳ ରହିଛି, ଏହା ବ୍ୟତୀତ ଏଠାରେ ଲୁଣ ମିଳେ, ଅତି ଶସ୍ତାରେ। ଏଠାରେ ପ୍ରସ୍ତୁତ ଲୁଣ କିଲୋ ପିଛା ମାତ୍ର ପଚାଶ ପଇସାରୁ ଏକ ଟଙ୍କା ଭିତରେ ମିଳେ। ତେଣୁ ଶୁଖୁଆ ପ୍ରସ୍ତୁତ କରୁଥିବା ପରିବାର ମାନେ ସହଜରେ ଏହି କାମ କରିପାରନ୍ତି। ଶୁଖୁଆ କାରବାରରେ କଞ୍ଚାପଇସା ରହିଛି ବୋଲି ଅନେକ କହନ୍ତି। କାରଣ ବେଳ ଭଲଥିଲେ ଚିଙ୍ଗୁଡି ଶୁଖୁଆ ମିଳିଲେ କିଲୋ ପିଛା ଦେଡ ଶହରୁ ଆରମ୍ଭ କରି ଅଢେଇ ଶହ ପର୍ଯ୍ୟନ୍ତ ମୂଲ ମିଳିଯାଏ। ଏହି ହାଟରେ ସମସ୍ତ ପ୍ରକାରର ଶୁଖୁଆ ମିଳେ। ଯଥା, କୋକଲୀ, କେରାଣ୍ଡି, କାବଲା, ଚିଙ୍ଗୁଡି, ଖଇଙ୍ଗା, କଣ୍ଟା ବଳଙ୍ଗା, କାନବୋରଦା, ଶାବଳା ଇତ୍ୟାଦି। ବିଭିନ୍ନ ପ୍ରକାରର ଶୁଖୁଆର ଦର ଭିନ୍ନ ଭିନ୍ନ। ସବୁଠାରୁ ଶସ୍ତା ମାତ୍ର ୩୦ଟଙ୍କା କିଲୋ ହେଉଥିବା ବେଳେ, ସବୁଠାରୁ ଦାମିକା ଚିଙ୍ଗୁଡି ଶୁଖୁଆ କିଲୋ ପିଛା ଅଢେଇ ଶହ ପର୍ଯ୍ୟନ୍ତ ଯାଏ।

ଏହି ହାଟରୁ ଶୁଖୁଆ ଓଡିଶାର ସମସ୍ତ ଜିଲ୍ଲା ସମେତ ସୁଦୂର ଆନ୍ଧ୍ରାର ଓଡିଶା ସଂଲଗ୍ନ ଜିଲ୍ଲା ମାନଙ୍କୁ ମଧ୍ୟ ଯାଇଥାଏ।

ଡା ଜ୍ୟୋତି ପ୍ରସାଦ ପଟନାୟକଙ୍କ ପ୍ରତ୍ୟକ୍ଷ୍ୟ ତତ୍ତ୍ୱାବଧାନରେ ସଂପାଦିତ ଓ ପ୍ରକାଶିତ

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଦ୍ୱିତୀୟ ବର୍ଷ ଅଷ୍ଟମ ସଂଖ୍ୟା
Vol: 2 Issue: 8
September, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଆହ୍ୱାନ

ବିଜୟନଗରମ୍, ଇଛାପୁରମ୍, ଓ ପାର୍ବତୀପୁରମ୍ ସ୍ଥାନକୁ। ଓଡିଶା ଭିତରେ ପଶ୍ଚିମ ଓଡିଶା ବିଶେଷତ: ରାୟଗଡା, କୋରାପୁଟ, ବଲାଙ୍ଗୀର, ସମ୍ବଲପୁର, ରାଉରକେଲା, ଭବାନୀପାଟଣା, ଇତ୍ୟାଦି ସ୍ଥାନକୁ ଶୁଖୁଆ ଯାଏ। ରବିବାର ସକାଳ ହୁମ୍ମା ହାଟ ସଂଲଗ୍ନ ରାଜପଥରେ ଠିଆ ହୋଇଥିବା ଅସଂଖ୍ୟ ଟ୍ରକ୍ ଦେଖିଲେ ବିଶ୍ୱାସ ହେବନାହିଁ, ଯେ ଏହି ସବୁ ଟ୍ରକ ଦ୍ୱାରା ଶୁଖୁଆ ଓଡିଶା ବାହାରେ ଅନ୍ୟ ରାଜ୍ୟକୁ ଯାଏ।

## ଶୁଖୁଆ: ପ୍ରସ୍ତୁତି ବିଧି

ମାଛକୁ ଶୁଖାଇଦେଲେ ଯେ ଶୁଖୁଆ ହୋଇଯିବ ଏହା ଠିକ୍ ନୁହେଁ, ଅବଶ୍ୟ ଏହାର ନାମ ଏଥିରୁ ହିଁ ହୋଇଛି ଯେ ମାଛକୁ ଶୁଖାଇ ପ୍ରସ୍ତୁତ ହୋଇଥାଏ। କିନ୍ତୁ ମାଛକୁ ଶୁଖାଇବା ପୂର୍ବରୁ ଏହାକୁ ବିଶେଷ ଭାବରେ ପ୍ରସ୍ତୁତ କରାଯାଏ। କିଛି ଶୁଖୁଆ ଲୁଣି ହୋଇଥିବା ସମୟରେ ଆଉ କିଛି ଅଲୁଣା ବି ହୋଇଥାଏ। ଏଠାରେ ବିକ୍ରି ହେଉଥିବା ଶୁଖୁଆ ସବୁ କିନ୍ତୁ ସଂପୂର୍ଣ୍ଣ ଶୁଖିଲା ନଥାଏ, ଏହାର କାରଣ ଅନେକ; ପ୍ରଥମତ: ଓଦା ରହିଲେ ଶୁଖୁଆର ଓଜନ ଅଧିକ ହେବ, ଏବଂ ଲାଭ ଅଧିକ ମିଳିବ। ଦ୍ୱିତୀୟତ: ଲୁଣି ଶୁଖୁଆ ଜଳୀୟ ବାଷ୍ପ ସଂସ୍ପର୍ଶରେ ଆସି ଓଦା ହେବା, ତୃତୀୟତ: ଶୁଖୁଆ ପୁରା ଶୁଖିଲେ ଅଧିକ ଦିନ ରହିବା ସମ୍ଭବ ହୁଏ ନାହିଁ ଏବଂ ଏହାର ଗନ୍ଧ ରହେନାହିଁ। ଲୁଣି ଶୁଖୁଆ ସମୁଦ୍ର ମାଛରେ ହୁଏ ଏବଂ ଅନେକ ଶୁଖୁଆର ପେଟ ଚିରି ସେଠି ଲୁଣ ଭରି ଦିଆଯାଏ। ଏବଂ ଏହି ସମସ୍ତ ପ୍ରକ୍ରିୟା ମାସାଧିକ କାଳ ଚାଲେ। ଏବଂ ହାଟକୁ ଆସିବା ପୂର୍ବରୁ ଏହି ସବୁ ଶୁଖୁଆକୁ କୁଣ୍ଡିରେ ଭର୍ତ୍ତିକରି ଘରର କୌଣସି ନିଭୃତ କୋଣରେ ଥୋଇଦିଆ ଯାଏ। ସର୍ବାଧିକ ମୂଲ୍ୟରେ ବିକ୍ରି ହେଉଥିବା ଚିଙ୍ଗୁଡି ଶୁଖୁଆର ପ୍ରସ୍ତୁତି ବିଧି ଅଲଗା। ଏହି ସବୁ ଚିଙ୍ଗୁଡିକୁ ସାମାନ୍ୟ ଖରାରେ ଶୁଖାଇ ଦେଇ, ତାହାକୁ କରେଇରେ ଅଳ୍ପ ଆଞ୍ଚରେ ସେକି ଦେବାପରେ ପ୍ୟାକିଂ କରିଦିଆଯାଏ।

Visit our Blog
http://aahwaan.blog.co.uk

## ଶୁଖୁଆ: ଆଧୁନିକ ବ୍ୟବସାୟ

ସଂପ୍ରତି ଅନେକ ବ୍ୟବସାୟୀକ ସଂସ୍ଥା ବୈଜ୍ଞାନିକ ପଦ୍ଧତିରେ ଶୁଖୁଆ ନିର୍ମାଣ କରିବା ପାଇଁ ଆଗେଇ ଆସିବା ସତ୍ତ୍ୱେ ଏହି ପାରଂପରିକ କାରିଗର ମାନଙ୍କର ବ୍ୟବସାୟରେ କୌଣସି ବାଧା ଉପୁଜିନାହିଁ। କିନ୍ତୁ ସମୟ ସହିତ ତାଳଦେଇ ଅଧିକ ସୁରକ୍ଷିତ ଉପାୟରେ ଶୁଖୁଆ ନିର୍ମାଣ କରିବା ପାଇଁ ପ୍ରଚେଷ୍ଟା ଚାଲିଛି, ଏବଂ କିଛି କଂପାନୀ ମଧ୍ୟ ଏହି ବ୍ୟବସାୟରେ ଓହ୍ଲାଇ ସାରିଲେଣି। କିନ୍ତୁ ଶୁଖୁଆ ଖାଉଥିବା ପ୍ରତ୍ୟେକ ବ୍ୟକ୍ତି ଏହାର ନିର୍ମାଣ ବିଧି ବିଷୟରେ ଜ୍ଞାନ ରଖିବା ଏହା ସମ୍ଭବ ନୁହେଁ। କିନ୍ତୁ ଏହି ସବୁ କଂପାନୀ ମାନଙ୍କ ଯୋଗୁଁ ସଂପ୍ରତି ଶୁଖୁଆ ହାଟରୁ ବାହାରି ମଲ୍ଟିପ୍ଲେକ୍ସ ସପିଂ ମଲ୍ର ଥାକରେ ପ୍ୟାକାଜେଡ୍ ଫୁଡ୍ ଭାବରେ ଦେଖା ଦେଲାଣି, ବୋଲି କହନ୍ତି ଏହା ସହ ସଂପୃକ୍ତ ଜନୈକ ବ୍ୟାପାରୀ।

## ଶୁଖୁଆ: ମହିଳାଙ୍କ ବ୍ୟବସାୟ

ବିଶ୍ୱାସ ହେଉନଥିଲେ ବି ସତ, ଶୁଖୁଆ ବେପାର କରନ୍ତି କେବଳ ମହିଳା ବ୍ୟବସାୟୀ। ଶୁଖୁଆ ପ୍ରସ୍ତୁତ କରୁଥିବା ଅଧିକାଂଶ ବ୍ୟବସାୟୀଙ୍କ ସ୍ୱାମୀ ମାନେ ସମୁଦ୍ରରେ ହିଁ ଅଧିକାଂଶ ସମୟ ବିତାଇଥାଆନ୍ତି, ସନ୍ଧ୍ୟାରେ ସମୁଦ୍ର ସାମାନ୍ୟ ଶାନ୍ତ ହୋଇଗଲେ, ସମୁଦ୍ରକୁ ବାହାରି ଯାଆନ୍ତି ୫ରୁ ୧୦ ଜଣିଆ ଦଳରେ, ଏବଂ ଗୋଟିଏ ଗୋଟିଏ ରାତିରେ ସାତ ଆଠ କ୍ୱିଣ୍ଟାଲ୍ ମାଛ ଧରି ଫେରନ୍ତି ସକାଳୁ ସକାଳୁ, ଯେଉଁଥିରୁ ଅଳ୍ପ କିଛି ମାଛ ବଜାରକୁ ଯାଏ, ବିକ୍ରି ହେବା ପାଇଁ ଏବଂ ବାକି ସବୁ ମାଛ ସମୁଦ୍ର ବେଳାଭୂମିରେ ଶୁଖାଇ ଦିଆଯାଏ, ଶୁଖୁଆ ପ୍ରସ୍ତୁତ କରିବା ପାଇଁ। ହୁମ୍ମା ନିକଟବର୍ତ୍ତୀ ଗଞ୍ଜାମ ସହରରେ ଋଷିକୂଲ୍ୟା ମୁହାଣରେ ବହୁ ପରିମାଣରେ ଚିଙ୍ଗୁଡି ମିଳୁଥିବାରୁ ଏହି ସ୍ଥାନରେ ଭଲ ଚିଙ୍ଗୁଡି ଶୁଖୁଆ ମିଳେ, ଏବଂ ଭାଗ୍ୟ ସାଥିରେ ଥିଲେ ଗୋଟିଏ ରାତିରେ ଏକରୁ ଦୁଇ କ୍ୱିଣ୍ଟାଲ୍ ଚିଙ୍ଗୁଡି ଜାଲରେ ପଡେ। ଅଧିକାଂଶ ଚିଙ୍ଗୁଡି ବଜାରକୁ ବିକ୍ରିକରାଯାଏ ତଥାପି ଶୁଖୁଆର ଚାହିଦା ଅଧିକ ଥିବାରୁ ଅନେକ ପରିବାର ଚିଙ୍ଗୁଡି ଶୁଖୁଆ

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଦ୍ୱିତୀୟ ବର୍ଷ
ଅଷ୍ଟମ ସଂଖ୍ୟା
Vol: 2 Issue: 8
September, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଆହ୍ବାନ

କରନ୍ତି। ହୁମ୍ମା ହାଟର ଅଧିକାଂଶ ବ୍ୟାପାରୀ ହେଉଛନ୍ତି ମହିଳା। କାଁ ଭାଁ ବାହାରୁ ଅସୁଥିବା ବ୍ୟାପାରୀଙ୍କୁ ଛାଡିଦେଲେ ପାଖାପାଖି ଅଶି ପ୍ରତିଶତ ବ୍ୟାପାରୀ କେବଳ ସ୍ଥାନୀୟ ମହିଳା।

## ଶୁଖୁଆ: ଉପକ୍ରମଣିକା

ଶୁଖୁଆ ମାନଙ୍କ ମଧ୍ୟରେ ରଜା ଭାବରେ କୋକଲୀ ଶୁଖୁଆ ଖ୍ୟାତିପ୍ରାପ୍ତ, କିନ୍ତୁ ଏହା ସହିତ ଖଇଙ୍ଗା ଓ ଚିଙ୍ଗୁଡି ଶୁଖୁଆ ମଧ୍ୟ ଅନୁରୂପ ସମ୍ମାନର ଅଧିକାରୀ। କୋକଲୀ ଶୁଖୁଆ ଅଲଣା ହୋଇଥିବା ବେଳେ ଏହାର ଦାମ ଦେଡ ଶହରୁ ସାମାନ୍ୟ ଅଧିକ ହୋଇଥାଏ। ଆଜିକାଲି ବଜାରରେ କେବଳ ଶୁଖୁଆ ନୁହେଁ ବରଂ ଶୁଖୁଆରୁ ପ୍ରସ୍ତୁତ ଆଚାର, ବଡି, ଇତ୍ୟାଦି ପଦାର୍ଥ ବି ମିଳିଲାଣି। ଶୁଖୁଆ ବ୍ୟାପାର ସଂପୂର୍ଣ୍ଣ ପାରଂପରିକ ରୀତିରେ ହେଉଥିବା ସତ୍ତ୍ୱେ ଏହାର ଉପରେ ଅଧିକ ଗବେଷଣା ଚାଲୁରହିଛି। ବ୍ରହ୍ମପୁରସ୍ଥିତ ବିଶ୍ୱବିଦ୍ୟାଳୟ ଅଧିନରେ ଥିବା ମତ୍ସ୍ୟ ବିଜ୍ଞାନ ବିଦ୍ୟାଳୟରେ ଏହା ଉପରେ ଗବେଷଣା ଚାଲୁରହିଛି, ଯାହା ଦ୍ୱାରା ଶୁଖୁଆକୁ କେମିତି ଅଧିକ ଦିନ ରଖିହେବ, ଏହାକୁ କେମିତି ଜୀବାଣୁ ମୁକ୍ତ କରିହେବ, ଇତ୍ୟାଦି ଅନେକ ବିଷୟ ପ୍ରତି ବିଶେଷ ଧ୍ୟାନ ଦିଆଯାଉଛି। ଏବଂ ଏହି ସଂସ୍ଥା ଦ୍ୱାରା ପ୍ରସ୍ତୁତ ଅନେକ ନୂତନ ତଥ୍ୟ ଶୁଖୁଆ ନିର୍ମାଣ କରୁଥିବା ଅନେକ ସଂସ୍ଥା ବ୍ୟବହାର କରି ଦେଖୁଛନ୍ତି। ଆଶା କରାଯାଉଛି ଆଗାମୀ ଦିନମାନଙ୍କରେ ଗରିବ ମାନଙ୍କର ଏହି ଖାଦ୍ୟ ବଡ ବଡ ସହରରେ ବାବୁ ମା' ମାନଙ୍କ ପ୍ଲେଟ୍‌ର ଶୋଭା ବଢାଇବ।

# ଶୂନ୍ୟ ମନ୍ଦିର

ପୁଣ୍ୟପ୍ରଭା ଦେବୀ

ଏଇ କେତେ ଦିନର ଯାତ୍ରା ଭିତରେ ବିବେକ ସେମାନଙ୍କ ପାଇଁ ହୋଇଯାଇଥିଲା ଏକଧାରରେ ଗାଇଡ୍, ଫ୍ରେଣ୍ଡ ଓ ଫିଲୋସଫର୍। ସୁକୁମାର ଆଉ ସୁନନ୍ଦା ରହୁଥିବା ହୋଟେଲ୍‌ରୁ ଯେଉଁ ଟ୍ୟାକ୍ସି ଠିଆ ହୋଇଥିଲା, ତାର ଡ୍ରାଇଭର ଆଉ ମାଲିକ ହେଉଛି ବିବେକ।

ଦିଲ୍ଲୀରୁ ଜୟପୁର। ଆଉ ଜୟପୁରରୁ ଏବେ ଆଗ୍ରା ଯାଉଥିଲେ ସେମାନେ। ଭରତପୁରର ପକ୍ଷୀ ଉଦ୍ୟାନ ଦେଖି ସାରିବା ପରେ ସୁନନ୍ଦା ପଚାରିଲେ, 'ଏବେ ଆମେ ସିଧା ଆଗ୍ରା ଯିବା? ନା ବାଟରେ ଆଉ କିଛି ଦର୍ଶନୀୟ ସ୍ଥାନ ଅଛି?'

ରୋଡମ୍ୟାପରୁ ସୁକୁମାର ସବୁ ଅନୁଧ୍ୟାନ କରିସାରିଥିଲେ। ପତ୍ନୀଙ୍କ ଉତ୍ତର ଦେବାକୁ ଯାଇ କହିଲେ, 'ଏଠାରୁ ଆମେ ଫତେପୁର ସିକ୍ରୀ ଯିବା। ତା'ପରେ ଯାଇ ଆଗ୍ରା।'

ଗାଡି ଚଲାଉ ଚଲାଉ ବିବେକ ତା'ର ହାତ ଘଡି ଦେଖିଲା। କହିଲା, 'ଏବେ ତ ମୋଟେ ବାରଟା ବାଜିଛି ସାର୍। ଆପଣ ଯଦି କହିବେ ତା'ହେଲେ ଆଉ ଗୋଟିଏ ଯାଗାକୁ ନେଇଯିବି। ହାଇୱେ ପାଖରୁ ମାତ୍ର ଦଶ କିଲୋମିଟର ରାସ୍ତା। ବିଗ୍ରହ ସିନା ନାହିଁ, କିନ୍ତୁ କାରୁକାର୍ଯ୍ୟ ଏତେ ସୁନ୍ଦର ଯେ ଆଖି ଲାଖି ରହିବ। ଯିବେ?'

'ବିଗ୍ରହ ନଥାଇ ପୁଣି ସେ କିପରି ମନ୍ଦିର?' ସୁନନ୍ଦା ମନେ ମନେ ଭାବିଲେ ଏ ଡ୍ରାଇଭରଟା ଗୋଟାଏ ଫିସାଦ କଲାଣି ନା କଣ। ଯେତେ ଗାଡି ଚଳାଇବ ସେତେ ତା'ର ଲାଭ। କହିଲେ, 'ନାଇଁ ଥାଉ। ବରଂ ଫତେପୁର ସିକ୍ରୀ ଟିକିଏ ଭଲ କରି ଦେଖିବା। ଶୁଣିଛି ଦିନସାରା ଦେଖିଲେ ବି ସରିବ ନାହିଁ।'

'ବିବେକ କହୁଛନ୍ତି ଯଦି ମନ୍ଦିରଟାକୁ ଦେଖିନେବା। ଦଶ କିଲୋମିଟର ରାସ୍ତା ତ! ଚାଲ' ସୁକୁମାର କହିଲେ।

ଏଣିକି ଆଉ ମରୁଭୂମିର ଧୂସର ଦିଗନ୍ତ ନଥିଲା। ଏଇଟା ମାର୍ଚ ମାସ। ରାସ୍ତା କଡର ଗହମ କ୍ଷେତ ତାର ସୁନେଲି ପଣତ ଉଡାଉଥିଲା ଫୁଲେଇ ବୋହୁଟିଏ ପରି। ସେ ଆଡକୁ ଚାହିଁ ରହି ସୁନନ୍ଦା କହିଲେ, 'ଆଚ୍ଛା ବିବେକ୍, ମନ୍ଦିର ରହିଛି ଅଥଚ ବିଗ୍ରହ ନାହିଁ। ତା'ର କିଛି କାରଣ ତ ଥିବ?'

'ହଁ, ମ୍ୟାଡାମ୍। ତାର କାରଣ କହି ବସିଲେ ରାସ୍ତା ସରିଯିବ ସିନା କିନ୍ତୁ କାହାଣୀ ସରିବ ନାହିଁ।' ପଛରୁ ଆସୁଥିବା କାରଟିକୁ ରାସ୍ତା ଛାଡିଦେଇ ବିବେକ କହିଲା, 'କାହାଣୀଟା କିନ୍ତୁ ବଡ କରୁଣ, ସାର୍।'

ଡା ଜ୍ୟୋତି ପ୍ରସାଦ ପଟନାୟକଙ୍କ ପ୍ରତ୍ୟକ୍ଷ୍ୟ ତତ୍ତ୍ୱାବଧାନରେ ସଂପାଦିତ ଓ ପ୍ରକାଶିତ

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଦ୍ୱିତୀୟ ବର୍ଷ
ଅଷ୍ଟମ ସଂଖ୍ୟା
Vol: 2 Issue: 8
September, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଆହ୍ୱାନ

ସୁନନ୍ଦା ଏଥର ସିଧା ହୋଇ ବସିଲେ। ଉତ୍ସୁକ ହୋଇ କହିଲେ, 'କାହାଣୀଟା ତା'ହେଲେ କୁହ ବିବେକ। ଆସିଲା ଦିନରୁ ଚୁପ୍‌ଚାପ୍ ବସି ବସି ବଡ ବିରକ୍ତ ଲାଗିଲାଣି। ସାର୍‌ଙ୍କୁ ତ ଦେଖୁଛ। ମୂକ ହୋଇ ବସି ରହିବାଟା ତାଙ୍କର ସ୍ୱଭାବ।'

ବିବେକ ମ୍ୟୁଜିକ୍ ବନ୍ଦ କରିଦେଲା। ପାଖ ଫ୍ଲାଟରେ ମୃତଦେହ ପଡିଥିଲେ ଯେମିତି ନିଜ ଘରେ ଟିଭି ଲଗାଇବାକୁ ଭଲ ଲାଗେନାହିଁ, ବିବେକକୁ ବୋଧହୁଏ ସେମିତି ଅନୁଭବ ହେଲା କି କଣ। କାରଣ ସେ ପ୍ରଥମରୁ କହିସାରିଚି କାହାଣୀଟା କରୁଣ।

ଏବେ ଆପଣଙ୍କୁ ଯାହାର କାହାଣୀ କହିବି ସେ ଗୋଟିଏ ଛୋଟ ଝିଅର କାହାଣୀ। ଧର୍ମରେ ମୁସଲ୍‌ମାନ। ନାମ ଜହିରା। ବାରବର୍ଷ ବୟସରେ ବଳାତ୍କାରର ଶୀକାର ହେଲା। ବଳାତ୍କାରୀ ପୁଣି ଆଉ କେହି

ନୁହେଁ, ତା' ନିଜ ବାପା। ସେଇ ଛୋଟ ବୟସରେ ବି ଘର ଛାଡିଦେଇ ପଳେଇଲା। କାରଣ ଆଉ ଯେତେଦିନ ରହିଥାଆନ୍ତା, ତା'ର ବାପା ତାକୁ ଯନ୍ତ୍ରଣା ଦେଇ ଚାଲିଥାଆନ୍ତା ସବୁଦିନ। ଯେମିତି ଚାରିମାସ କାଳ ତାକୁ କଷ୍ଟ ଦେଉଥିଲା। ଛୋଟ ଝିଅଟି ଘରୁ ପଳେଇଲା ସିନା ବାପ କିନ୍ତୁ ତା' ପିଛା ଛାଡିଲା ନାହିଁ। ଜଣେ ବେଶ୍ୟା ହାତରେ ବନ୍ଧା ପଡିଗଲା ସେ। ଜହିରା ସୁନ୍ଦରୀ। ବୟସ କମ। ତେଣୁ ବେଶ୍ୟାଟା ତାକୁ ଆକର୍ଷଣୀୟ କରିବାକୁ ଗୀତ ଶିଖାଇଲା, ଗଜଲ୍, ଠୁମରୀ ଆଉ କେତେ କଣ। ତା' ସହିତ ନୃତ୍ୟ। ଜଣେ ଶିକ୍ଷକ ବି ରଖିଦେଲା ପାଠ ପଡିବା ପାଇଁ। ବିଦ୍ୟାରେ ଧୁରନ୍ଧର ହେଲେ ସିନା ରୁଚି ବଢିବ। ଆଳାପ ଆଲୋଚନା କରି ବଶ କରିନେବ ଗ୍ରାହକକୁ।

ବେଶ୍ୟା ଜଣକ ହିନ୍ଦୁ ଥିଲା। ତେଣୁ ଜହିରା ସେଠାରେ ବନିଗଲା ଜୟା। ଅଠରବର୍ଷ ହେଲା ବେଳକୁ ଜୟା ଦକ୍ଷ ହୋଇଗଲା ଦେହ ବ୍ୟବସାୟରେ। ଜୟାକୁ ଯେତେବେଳେ ଚବିଶି ବର୍ଷ ବୟସ ହଠାତ୍ ବେଶ୍ୟାଟି ମରିଗଲା ହାର୍ଟ ଆଟାକ୍‌ରେ। ଜୟା ବୁଦ୍ଧିମତୀ। ସେ ଟିଭି ଦେଖୁଥିଲା। ପଢୁଥିଲା ଖବର କାଗଜ। ନିଜ ବ୍ୟବସାୟରେ କେମିତି ମ୍ୟାନେଜ୍ କରିବାକୁ ହେବ ସେ କଥା ଶିଖି ଯାଇଥିଲା ଭଲ ଭାବେ।

ସେ ଜାଣିଥିଲା ଆଜିକାଲି ଯୁଗରେ ଯାହାର ବେଶୀ ଦର, ତା'ର ସେତେ ବେଶୀ ଚାହିଦା। ତେଣୁ ସେ ନିଜର ଦର ବଢାଇଦେଲା ଦଶ ହଜାର ଟଙ୍କା ଗୋଟିଏ ରାତି ପାଇଁ। ତା' ମଧ୍ୟ ବୁକ୍ କରିବାକୁ ହେବ ସାତ ଦିନ ଆଗରୁ, ପଚାଶ ପ୍ରତିଶତ ଆଡଭାନ୍‌ସ ଦେଇ। ସେଥିପାଇଁ ତା'ର ଜଣେ ସେକ୍ରେଟାରୀ ରଖିଦେଲା। ଇଂଲିସରେ କଥାବାର୍ତ୍ତା କରିପାରୁଥିବା ଭଳି ସ୍ମାର୍ଟ ଝିଅଟିଏ।

ଜୟାର ଖ୍ୟାତି ବଢିଗଲା। ତା' ପାଖକୁ ଆସିବାକୁ ଲାଗିଲେ କେତେ ମନ୍ତ୍ରୀ, ବ୍ୟବସାୟୀ ଆଉ ମିଲ୍ ମାଲିକ। ତା'ଛଡା ଆଉ କିଏ ଆସୁଥିଲେ ଜାଣନ୍ତି ସାର୍?' କାହାଣୀକୁ ଟିକେ ବନ୍ଦ ରଖି ପଛ ସିଟ୍‌କୁ ମୁହଁ ବୁଲାଇ ଚାହିଁ ପଚାରିଲା। ଓ ପୁଣି କହିଲା, 'ଶୁଣିଲେ ଆପଣଙ୍କର ବିଶ୍ୱାସ ହେବ ନାହିଁ।'

କାହାଣୀଟା ରୋମାଞ୍ଚକର। ଜଣେ କୁଶଳୀ କମେଣ୍ଟେଟର୍ ପରି ବିବେକ ଏମିତି କହିଯାଉଥିଲା ଯେ, ପତି ପତ୍ନୀ ଦୁହେଁ ନିମଗ୍ନ ରହିଯାଇଥିଲେ। ତେଣୁ ଏହି ସାମାନ୍ୟ ବିରତି ବି ସହି ପାରିଲେ ନାହିଁ। ଅଧୈର୍ଯ୍ୟ ହୋଇ କହିଉଠିଲେ, 'ତା'ପରେ କ'ଣ ହେଲା?'

'ଜୟା ପାଖକୁ ଆସୁଥିଲେ ଆମର ତଥାକଥିତ ଅନେକ ଧର୍ମଗୁରୁ। ଯେଉଁମାନେ ଦିନବେଳା ପୁରାଣ ଶାସ୍ତ୍ରର ବ୍ୟାଖ୍ୟାକରି ମନ୍ତ୍ରମୁଗ୍ଧ କରିଦିଅନ୍ତି ଭକ୍ତମାନଙ୍କୁ।'

'ହେ ଭଗବାନ!' ସୁନନ୍ଦା ଉଚ୍ଚାଟ ହୋଇ କହିଲେ, 'ଧର୍ମଗୁରୁମାନଙ୍କ ଭିତରେ ପୁଣି ଏମିତି ସବୁ ପାପିଷ୍ଠ ଅଛନ୍ତି?'

'ଏ କଥା କ'ଣ ତୁମେ ପ୍ରଥମ ଥର ଶୁଣିଲ ନା କ'ଣ?' ସୁକୁମାର ଘଟଣାଟିକୁ ଗୌଣ କରିଦେବା ପାଇଁ କହିଲେ, ଟିଭି ଆଉ ଖବର କାଗଜରେ ତ ଏମିତି ଖବର ପ୍ରାୟ ବାହାରେ। ତମେ ଏଥର ତୁମର ଏ କାହାଣୀ ଶୁଣାଅ ବିବେକ।'

' ଏ କଥା କିନ୍ତୁ ଅନ୍ୟସବୁ କାହାଣୀଠାରୁ ନିଆରା ସାର୍!' ବିବେକ ଟିକେ ରହସ୍ୟଜନକ ଭାବେ ହସିଦେଇ କହିଲା, ଏମିତି କଥା ଆପଣ କେବେ ହେଲେ ଶୁଣିନଥିବେ।'

ଡା ଜ୍ୟୋତି ପ୍ରସାଦ ପଟନାୟକଙ୍କ ପ୍ରତ୍ୟକ୍ଷ୍ୟ ତତ୍ତ୍ୱାବଧାନରେ ସଂପାଦିତ ଓ ପ୍ରକାଶିତ

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଦ୍ୱିତୀୟ ବର୍ଷ
ଅଷ୍ଟମ ସଂଖ୍ୟା
Vol: 2 Issue: 8
September, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଆହ୍ୱାନ

ଗଳା ସଫା କରିଦେଇ ସେ ପୁଣି ଆରମ୍ଭ କଲା, 'ସେଇ ସବୁ ଗୁରୁ ମାନଙ୍କ ଭିତରେ ଥିଲେ ସ୍ୱପ୍ନାନନ୍ଦ ନାମକ ଜଣେ ସନ୍ୟାସୀ। ତାଙ୍କର ଥିଲେ ଲକ୍ଷ ଲକ୍ଷ ଭକ୍ତ। କେମିତି କେଜାଣି, ତାଙ୍କର ଅଲୌକିକ ଶକ୍ତି ବଳରେ ଉପକୃତ କରିଦେଉଥିଲେ ଲୋକମାନଙ୍କୁ। ଆଉ ସେହି ଭକ୍ତମାନଙ୍କର ବିପୁଳ ଦାନରେ ସନ୍ୟାସୀଙ୍କର ଆଶ୍ରମ ବଢି ଚାଲିଥିଲା। ଉତ୍ତର ଭାରତରେ ତାଙ୍କର ଖ୍ୟାତି ବଢିଯାଇଥିଲା ଦାବାଗ୍ନି ପରି।

ସେହି ସ୍ୱପ୍ନାନନ୍ଦ କିନ୍ତୁ ଜୟାଙ୍କ ପାଖକୁ ଆସୁଥିଲେ ନିଶାର୍ଦ୍ଧରେ। ଲୁଚିଲୁଚି। ଦୁଇ ତିନିଘଣ୍ଟା ସମୟ ବିତାଇ ଦେଇ ଚାଲି ଯାଉଥିଲେ କାରରେ।' ବିବେକ ଟିକେ ହସିଦେଇ କହିଲା, 'ତାଙ୍କର ସେ କାରରେ ଡ୍ରାଇଭର କିଏ ଥିଲା ଜାଣନ୍ତି ସାର୍?'

'ତୁମର ବୟସ ଦେଖି ଜଣାଯାଉଛି ତୁମେ ହିଁ ଚାଳକ ଥିବ। ନୁହେଁ ?'କହିଦେଇ ସୁକୁମାର ନିଜ କଥାରେ ନିଜେ ହସି ଉଠିଲେ।

'ଆପଣଙ୍କ ଅନୁମାନ ଏକ୍‌ଦମ୍ ଠିକ୍ ସାର୍।' ବିବେକ ଏଥର ହାଇୱେରୁ ଛୋଟ ରାସ୍ତା ଉପରକୁ ଷ୍ଟିଅରିଂ ଘୂରେଇ ନେଇ କହିଲା, 'ମୁଁ ହିଁ ତାଙ୍କର ଗାଡି ଚଳାଉଥିଲି ସେତେବେଳେ। ତାଙ୍କର ସେ ଗୁପ୍ତ କାମ କରିବାପାଇଁ ସେ ମତେ ବକ୍ସିସ୍ ଦେଉଥିଲେ ମୋଟା ଅଙ୍କର। ଏ କଥା କାହାକୁ କହିବି ନାହିଁ ବୋଲି ଶପଥ ବି କରେଇ ନେଇଥିଲେ।'

'କିନ୍ତୁ ତୁମେ ତ ଏବେ କହିଦେଲ ଆମ ପାଖରେ।' ସୁକୁମାର ହସିଦେଇ କହିଲେ, 'ସେ ସନ୍ୟାସୀ ଯଦି ଏ କଥା ଜାଣନ୍ତି ?'

'ତା'ପରର କଥା ଶୁଣନ୍ତୁ ସାର୍। ତା'ପରେ ଯାଇ ଦୋଷ ଦେବେ ମୋତେ। ହଠାତ୍ ଦିନେ ଜଣାପଡିଲା ଜୟାଙ୍କର ଲିଭର କ୍ୟାନ୍‌ସର ହୋଇଛି। ଶେଷ ଅବସ୍ଥାରେ ପହଞ୍ଚିଗଲାଣି। ଯେତେ ଯାହା ଚିକିତ୍ସା କଲେ ବି ବଞ୍ଚିବାର ଆଶା ନାହିଁ। ତା'ପରେ ଜୟାଙ୍କର କ'ଣ ହେଲା କେଜାଣି। ମୃତ୍ୟୁପୂର୍ବରୁ ନିଜର ସମସ୍ତ ସଂପତ୍ତିକୁ ଟ୍ରଷ୍ଟ କରିଦେଲେ ଓକିଲ ଦ୍ୱାରା। ସବୁତକ ଦାନ କରିଦେଇଗଲେ ଗୋଟିଏ ମନ୍ଦିର ନିର୍ମାଣ କରିବା ପାଇଁ।

ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ମନ୍ଦିର ନିର୍ମାଣ ସରିଗଲା। ଦେଶର ସମସ୍ତ ନାମକରା ଶିଳ୍ପୀମାନେ ଆସି ନିଜ ନିଜର କଳାଚାତୁର୍ଯ୍ୟ ଖୋଦିଦେଇଗଲେ ସେଠାରେ। ମନ୍ଦିର ହୋଇଥିଲା ଅପରୂପା। ଅବର୍ଣ୍ଣନୀୟ। ଆପଣ ଏବେ ଦେଖିବେ ନାହିଁ କି!

ଜୟା ଦେବୀଙ୍କର ଶେଷ ଇଚ୍ଛାଥିଲା ସ୍ୱାମୀ ସ୍ୱପ୍ନାନନ୍ଦ ପୁରୀ ଶ୍ରୀକ୍ଷେତ୍ରରୁ ଜଗନ୍ନାଥଙ୍କର ମୂର୍ତ୍ତି ଆଣି ଏଠାରେ ପ୍ରତିଷ୍ଠା କରିବେ।

ସ୍ୱାମୀ ସ୍ୱପ୍ନାନନ୍ଦ ମର୍ମାହତ ହେଲେ। ଅସମ୍ମାନିତ ବୋଧକଲେ ସେ ନିମନ୍ତ୍ରଣର ଆହ୍ୱାନ ଶୁଣି। ରାଗିଯାଇ କହିଲେ- 'ଆପଣମାନେ କ'ଣ ଏଠାକୁ ଆସିଛନ୍ତି ମୋତେ ଅପମାନ ଦେବାପାଇଁ। ଗୋଟାଏ ପତିତାର ପାପଧନରେ ଯେଉଁ ମନ୍ଦିର ନିର୍ମାଣ ହୋଇଛି ସେଠାକୁ ମୁଁ ଯିବି? ସେ ବେଶ୍ୟାଟାର ଶେଷ ଇଚ୍ଛା ଯାହା ହେଉନା କାହିଁକି, ତମେ ମାନେ କେମିତ ସାହସ କଲ ସେ ଅପବିତ୍ର ସ୍ଥାନକୁ ମତେ ନେଇଯିବାପାଇଁ? ଆଶ୍ଚର୍ଯ୍ୟ!'

ବିବେକ ପଛ ସିଟ୍‌କୁ ଫେରି ଚାହିଁଲା। କହିଲା, 'ମୁଁ ମଧ୍ୟ ସେଠାରେ ଉପସ୍ଥିତ ଥିଲି ସାର୍। ସେ ଭଣ୍ଡ ସନ୍ୟାସୀର ନିର୍ଲ୍ଲଜ ପ୍ରତ୍ୟାଖ୍ୟାନ ମୋର ମନକୁ ଦୋହଲାଇ ଦେଲା। ଯେଉଁ ପାପିଷ୍ଠକୁ ଗାଡିରେ ବସାଇ ରାତିର ଅନ୍ଧକାରରେ ମୁଁ ନେଇ ଛାଡି ଆସୁଥିଲି ଜୟାଦେବୀଙ୍କର ବେଶ୍ୟାଳୟରେ, ଥରେ ଅଧେ ନୁହେଁ, ପ୍ରାୟ ନିୟମିତ ଭାବରେ; ଯେଉଁ ଲୋକଟା ସେଠାରେ ତିନି ଚାରି ଘଣ୍ଟା ସମୟ କଟାଉଥିଲା, ପ୍ରଚୁର ଅର୍ଥ ଓ ଉପହାର ବିନିମୟରେ; ଆଜି ସେହି ଅର୍ଥରେ ନିର୍ମିତ ମନ୍ଦିର ପ୍ରତିଷ୍ଠା କରିଦେଲେ ତା'ର ପାପ ହୋଇଯିବ ବୋଲି କହୁଛି!!'

'ତୁମର ସେ ସ୍ୱାମୀଜୀଙ୍କର ଆଶ୍ରମ କେଉଁଠି ବିବେକ?' କୌତୁହଳୀ ହୋଇ ସୁନନ୍ଦା କହିଲେ, 'ସେ ପାପିଷ୍ଟଟାକୁ ଦେଖିବାକୁ ଭାରି ଇଚ୍ଛା ହେଉଛି।'

'ସେ କ'ଣ ଆଉ ବଞ୍ଚିଛନ୍ତି କି ମ୍ୟାଡମ୍?' ବିବେକ

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଦ୍ୱିତୀୟ ବର୍ଷ
ଅଷ୍ଟମ ସଂଖ୍ୟା
Vol: 2 Issue: 8
September, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଆହ୍ୱାନ

ଖୁସି ଖୁସି ହୋଇ କହିଲା, 'ପାଞ୍ଚବର୍ଷ ହେଲା ତାଙ୍କର ମୃତ୍ୟୁ ହୋଇଯାଇଛି । ଏଡ୍‌ସରେ ।'

ଗୋଟାଏ ବିରାଟ ଗେଟ୍ ସାମନାରେ ଗାଡି ରଖିଲା ବିବେକ । କହିଲା, 'ଏବେ ଓହ୍ଲାନ୍ତୁ ସାର୍ । ଆମେ ଆମର ଗନ୍ତବ୍ୟ ସ୍ଥଳରେ ପହଞ୍ଚି ଯାଇଛେ ।'

ସୁନନ୍ଦା ଓ ସୁକୁମାର ଓହ୍ଲାଇ ପଡି ଚାହିଁ ରହିଲେ । ଗଛ ପତ୍ରର ଶ୍ୟାମଳିମା ଭିତରେ ଶ୍ୱେତ ପଥରର ବିରାଟ ମନ୍ଦିର ଛିଡା ହୋଇଛି । ମନ୍ଦିରର କାହାଣୀ ଶୁଣିଥିଲେ ବୋଲି ତାଙ୍କର ହୃଦୟ ଥିଲା ଭାରାକ୍ରାନ୍ତ । ବାସ୍ତବିକ ଅପରୂପ କାରୁକାର୍ଯ୍ୟରେ ମନ୍ଦିରଟି ଶୋଭା ପାଉଥିଲା । ମୁଖଶାଳା ଦେଇ ସେମାନେ ଗର୍ଭଗୃହରେ ପ୍ରବେଶ କଲେ। ଯେଉଁଠାରେ ଆସ୍ଥାନଟି ଶୂନ୍ୟ ଦିଶୁଥିଲା ଗୋଟିଏ ଶୁଷ୍କ ପୁଷ୍କରିଣୀ ପରି । ତଥାପି ସେଠାରେ ନଇଁପଡି ସୁନନ୍ଦା ପ୍ରଣିପାତ କଲେ। ତାଙ୍କଠାରୁ ଦେଖି ମଥାନତ କଲେ ସୁକୁମାର । କାହା ଉଦ୍ଦେଶ୍ୟରେ କେଜାଣି ବିବେକ ବୁଝି ପାରୁନଥିଲା ।

୨୮-୯-୨୧, ସୂର୍ଯ୍ୟାବାଗ୍, ବିଶାଖାପାଟଣା, ୫୩୦୦୨୦

# ଶ୍ରୀ ଗୁରୁଦେବ ସ୍ମରଣେ ।

(ପ୍ରଥମ ବାର୍ଷିକ ଉତ୍ସବ ପାଳନ, ତା: ୧୪-୯-୨୦୦୭, ଶୁକ୍ରବାର)

ଜୟ ସଦ୍‌ଗୁରୁ ହେ ରାଧା ରମଣ
କି ଦୁ:ଖଦାୟକ  ତୁମ ତିରୋଧାନ ।
ମାନବ ଶରୀରେ ହୋଇଣ ପ୍ରକଟ
ଯେତେ ଲୀଳାଖେଳା କରିଲ ପ୍ରଘଟ ।
ଯାହା ବର୍ଣ୍ଣିବାକୁ ସାଧ୍ୟ ନାହିଁ କା'ର
ତାହା କି ବର୍ଣ୍ଣିବ ଏ ଅଧମ ଛାର ।
ତଥାପି ହେ ଗୁରୁ ତବ ଆଶିଷରେ
ଗାଉଅଛି ତୁମ ଯଶ ଏ କାବ୍ୟରେ ।
ପ୍ରତିଷ୍ଠାକରି କେତେ ଧର୍ମ ଅନୁଷ୍ଠାନ
ଉତ୍‌ଥାନ କରିଛ ଧର୍ମ ସନାତନ ।
ବିଶୁଦ୍ଧ ଭକତି ଯୋଗର ପ୍ରଚାର
ମୁଖ୍ୟ ଲକ୍ଷ୍ୟଥିଲା ତୁମ ଜୀବନର ।
ତୁମ ପାଣ୍ଡିତ୍ୟର ନାହିଁ ପଟାନ୍ତର
ତୁମେ ତ ସାକ୍ଷାତ ଜ୍ଞାନର ଭଣ୍ଡାର ।
ଜ୍ଞାନର ଆଲୋକ କରିଣ ବଣ୍ଟନ
ଅଜ୍ଞାନକୁ ତୁମେ କରିଅଛ ଛିନ୍ନ ।
ବୈଷ୍ଣବଙ୍କ ତୁମେ ଥିଲ କଣ୍ଠହାର
ଶିଷ୍ୟ ଶିଷ୍ୟାପାଇଁ ସାକ୍ଷାତ ଈଶ୍ୱର ।
ସାଧୁ ସନ୍ଥଙ୍କର ମଙ୍ଗଳ କରତା
ନିରାଶ୍ରୟଙ୍କର ଆଶ୍ରୟର ଦାତା ।
ଅଧ୍ୟାପକ ରୂପେ ଆଦର୍ଶ ଜୀବନ
ଆହେ ଗୁରୁ ତୁମେ କରିଛ ଯାପନ ।
ସାହିତ୍ୟ ଜଗତେ ସାଜି ଜ୍ୟୋତିଷ୍କର
ଟେକ ରଖିଅଛ ଦେଶ ମାତୃକାର ।
କେତେ ଯେ ଅଜ୍ଞାନୀ ତୁମ ଆଲୋକରେ
ଆଲୋକିତ ହୋଇଛନ୍ତି ଏ ସଂସାରେ ।
ଶିଷ୍ୟ ବତ୍ସଳ ହେ ରାଧା ରମଣ
ଶିଷ୍ୟଙ୍କ ଉନ୍ନତି ସଦା ତୁମ କାମ୍ୟ ।
ତୁମ ଶିକ୍ଷାଦାନେ କେତେ କେତେ ଜନ
ହୋଇପାରିଛନ୍ତି ଅତି ବିଜ୍ଞଜନ ।
କେତେ ଯେ ସନ୍ୟାସୀ କେତେ ସାଧୁ ହୋଇ
ବିଷୟ ବାସନା ଗଲେ ଭୁଲି ସେହି ।
ତୁମ ପ୍ରଦର୍ଶିତ ପଥରେ ଯାଇଣ
ନିଜ ଜୀବନକୁ କରିଛନ୍ତି ଧନ୍ୟ ।
କେତେ ଲୀଳାଖେଳା ଏପରି କରିଣ
ଶେଷରେ ହୋଇଲ ତୁମେ ଅନ୍ତର୍ଦ୍ଧାନ ।

ଡା ଜ୍ୟୋତି ପ୍ରସାଦ ପଟନାୟକଙ୍କ ପ୍ରତ୍ୟକ୍ଷ୍ୟ ତତ୍ତ୍ୱାବଧାନରେ ସଂପାଦିତ ଓ ପ୍ରକାଶିତ

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଦ୍ୱିତୀୟ ବର୍ଷ
ଅଷ୍ଟମ ସଂଖ୍ୟା
Vol: 2 Issue: 8
September, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
ଆହ୍ୱାନ

ତୁମ ପ୍ରସ୍ଥାନର ପ୍ରଥମ ବରଷ
-ପୂରଣ ଉତ୍ସବ ପାଳୁଛୁ ଅବଶ୍ୟ।
ହେଲେ ତୁମେ ଆମ ସ୍ମୃତିପଟେ ନିତ୍ୟ
ଅମ୍ଳାନ ରହିବ ଏହାଅଟେ ସତ୍ୟ।
ସଦା ତୁମ ଆଶୀର୍ବାଦ ଗୁରୁଦେବ
ଆମପାଇଁ ରକ୍ଷାକବଚ ହୋଇବ।
ତବ ଶ୍ରୀ ଚରଣେ ଏତିକି ପ୍ରାର୍ଥନା
କରୁଅଛି ଗୁରୁ ହେଉ ତାହା ଘେନା।
ତୁମରି ଅଭୟବର ଆହେ ଗୁରୁ
କବଚ ସ୍ୱରୂପ ସଦା କାର୍ଯ୍ୟ କରୁ।
ଏତିକି ମାଗୁଣି କରହେ ପୂରଣ
ପାଦପଦ୍ମେ ତବ ସଦାରହୁ ଧ୍ୟାନ।

ଶ୍ରୀ ସୁରେନ୍ଦ୍ର ପଣ୍ଡା
ସଭାପତି
ଶ୍ରୀ କୃଷ୍ଣ ବିଜ୍ଞାନ ସଂଘ ସତ୍‌ସଙ୍ଗ ସମିତି
ବ୍ରହ୍ମପୁର-୪

# ସନ୍ଧ୍ୟା ଫେରେ

କୃପାସିନ୍ଧୁ ପ୍ରଧାନ (ଟୁକୁ)

କାହିଁକି ଆସିଲନି ସନ୍ଧ୍ୟା!!(?)
କୁହ ତୁମେ-
କାହିଁକି ଫେରିଲନି ???
ଆମ ଗାଁ ଆକାଶରେ-
ପକ୍ଷୀମାନେ-
ବାହୁଡି ଗଲେଣି।
ପଶ୍ଚିମ ଆକାଶରେ-
ସିନ୍ଦୁରା ଫାଟିବା ପରି-
ଠିକ୍ ସେମିତି ଆଜି ବି ଦିଶୁଛି ନାଲି।
ତୁମକୁ ଅପେକ୍ଷା କରି-
ଶେଫାଳି ପାଖରେ-
ଚାକୁଣ୍ଡା ଗଛର ଖୋଲା ପତ୍ରଗୁଡା-
କୁହାକୁହି ହୋଇ-
ପତ୍ରଗୁଡାକୁ ମଉଳାଇ ଦେଲେଣି !!!
କୁହ ସନ୍ଧ୍ୟା
ତୁମେ କାହିଁକି ଆସିଲ ନି
କାହିଁକି ଆସିଲ ନି ସନ୍ଧ୍ୟା ???

ସଞ୍ଜକୁ ଅପେକ୍ଷାକରି
ସୂର୍ଯ୍ୟଦେବତା ଅସ୍ତ ଗଲେଣି-
ପଶ୍ଚିମ ଆକାଶ ଫିକା ଦିଶିଲାଣି।।
ପ୍ରିୟ ମାନସୀକୁ ଚାହିଁ ଚାହିଁ-
ତୁମେ ତ ଆସିଲ ନି-
ସେ ପ୍ରତାରକ କହି-
ମୁହଁ ମୋଡି ଫେରିଲାଣି-
ସେ ପ୍ରାୟ ଭୁଲିଯିବଣି।
ଏମିତି କାହିଁକି ସନ୍ଧ୍ୟା ???

କୁହ ତୁମେ
କାହିଁକି ଆସିଲ ନି??
ସମସ୍ତେ ଭୁଲିଗଲେ ଚାଲିଗଲେ। ଏବେ-
ତୁମେ କାହିଁ ଫେର ସନ୍ଧ୍ୟା??
ଆମ ଘର ଦାଣ୍ଡ ପିଣ୍ଡାରେ-
ବୃନ୍ଦାବତୀମୂଳର ସଞ୍ଜସଳିତା-
ଦିବିଦିବି ହୋଇ ଲିଭି ଗଲାଣି।
ଶିବ ମନ୍ଦିରରୁ-
ସନ୍ଧ୍ୟାଘଣ୍ଟା ବାଜିଗଲାଣି।
ଧୂପକାଠି ବି ଜଳିଗଲାଣି।
ପହଡ ବି ପଡିଗଲାଣି।
ତା' ପୂର୍ବରୁ କାହିଁକି ଆସିଲ ନି??

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଦ୍ୱିତୀୟ ବର୍ଷ
ଅଷ୍ଟମ ସଂଖ୍ୟା
Vol: 2 Issue: 8
September, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଆହ୍ୱାନ

କୁହ ସନ୍ଧ୍ୟା
ତୁମେ କାହିଁକି ଫେରିଲ ନି??
ତୁମେ କୁହ ସନ୍ଧ୍ୟା
ମାନସୀଟା କଥା ଦେଇ
ରଖିପାରିଲା ନି
ସେ ମୋତେ ଭୁଲିଯିବାକୁ ବସିଲାଣି।
କୁହ ସନ୍ଧ୍ୟା
ତୁମେ କୁହ
ସତ କୁହ ସନ୍ଧ୍ୟା
ତୁମେ କାହିଁକି ଫେରିଲ ନି??
ତୁମେ କାହିଁକି ଫେରିଲ ନି??

କହୁଆ, ରାଜନଗର
କେନ୍ଦ୍ରାପଡା, ଓଡିଶା
ପିନ୍; ୭୫୪୨୨୫

# ଷାଠିଏ ବର୍ଷର ଚେତନା

କବିତାର ଦୁଇଧାଡି
ଚିରିଦେଇଥିଲା ଅସଂଖ୍ୟ ଛାତିକୁ
ଆଣିଦେଇଥିଲା ବିପ୍ଲବ
ହସିଦେଇ ଶାଣିତ ତରବାରୀ ଆଗରେ
ରଖିଦେଇଥିଲା ମଥା
ନଇଁ ନ ଥିଲା ତଥାପି
ବୀର ମାତୃକାର ଶୀର
ଧନ୍ୟ ତୁମେ ସ୍ୱାଧୀନ ସଂଗ୍ରାମୀ
ଧନ୍ୟ କବି ବୀର।

ଉଇଁଲା ସୂରୁଜ ନାଲି ନାଲି ଆଭା
ଡାଳିଦେଇ କଲା ସିନ୍ଦୁରା ମଥା
ଜନନୀ ଓଠରେ ହସ ଦୁଇଧାର
ହାଣିଦେଲ ସିନା ହାତପାଦ ତା'ର
ଭାଗ କରିଦେଲ ସନ୍ତାନଗଣ
ଆଜି କାହିଁପାଇଁ ରଣ ହୁଙ୍କାର
ଆଜି କାହିଁପାଇଁ କରୁଛ ଯୁଦ୍ଧ
ଟାଣିଦେଇଥିଲ ଅଲିଭା ଗାରକୁ
ପାରିକରି କାହିଁ କରୁଛ ରଣ
ପାଇବ କଣ ଯୁଦ୍ଧ ଭୂମିରୁ
ଅବନତ ହେବ ମା'ର ଶୀର
ଦେଇଥିଲା କ'ଣ ଏଇଥି ପାଇଁକି
ନିଜ ଛାତିରୁ ସେ ନିଗାଡି ନିର
ଆଜି ତୁମେ ଭାଇ ଭାଇକୁ ମାରିବ
ଦେଖି କି ସହିବ ହୃଦୟ ମା'ର।

ଗର୍ଜୁଛି କମାଣ ବର୍ଷୁଛି ଗୁଳି
ଦିଶୁନାହିଁ ବାଟ ଖାଲି ଯେ ଧୂଳି
ସେପାଖେ ଏପାଖେ ରଣ ହୁଙ୍କାର
ଶାନ୍ତିର ନାହିଁ ପଦିଏ ଗୀତ
ହଜିଗଲେ କି ସେ ଅମର କବି
ହଜିଗଲା ସତେ ତାଙ୍କ ସଙ୍ଗୀତ

ଆଜି ବି ଅପେକ୍ଷା କରିଛି ମାତୃତ୍ୱ
ପୁଣି ଭଲ ଦିନ ଆସିବ ଫେରି
ଦିନେ ବିଦେଶିଏ ଘାରିଥିଲେ ମୋତେ
ଆଜି ମୋତେ ଦେବେ ମୋ ପ୍ରିୟେ ମାରି
ଅପେକ୍ଷା କରିଚି ନଗ୍ନ ଧରିତ୍ରୀ
ଅପେକ୍ଷାରେ ଧରି ଭୋକିଲା ପେଟ

ଡା ଜ୍ୟୋତି ପ୍ରସାଦ ପଟନାୟକଙ୍କ ପ୍ରତ୍ୟକ୍ଷ୍ୟ ତତ୍ତ୍ୱାବଧାନରେ ସଂପାଦିତ ଓ ପ୍ରକାଶିତ

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଦ୍ୱିତୀୟ ବର୍ଷ
ଅଷ୍ଟମ ସଂଖ୍ୟା
Vol: 2 Issue: 8
September, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଆହ୍ୱାନ

ଶୋଷରେ ପଛେ ସେ ମରିଯିବ ପଛେ
ବଳିରେ ଦେବନି ପୁଅକୁ ଭେଟ
ସବୁ ତ ହାରିଲି ସବୁ ତ ଛାଡିଲି
ଏବେ ଆଉ କ'ଣ ଅଛି ମୋ ପାଶେ
ମୋ ଛାତି କୁ ଚିରି ଧନ କି ପାଇବ
ରହିଛ କି ତୁମେ ତାହାରି ଆଶେ ।

ଆସ ହାତ ତୁମେ ବଢାଇ ଦିଅ
ବାନ୍ଧିଦିଏ ସୁତା ରକ୍ଷାକର
ଅନ୍ତକର ନାହିଁ ଅନ୍ତ ହେବନାହିଁ
ଜନନୀ ଭଗିନୀ ମାତୃଭାବନାର
ଦେଶ ବଞ୍ଚିଛି, ବଞ୍ଚିଥିବ
କରୁଥାଅ ପଛେ ଶତ ଅନାଦର
ତୁମେ ତ ଆଜିର ଭବିଷ୍ୟ କର୍ତ୍ତା
ତୁମେ ହେବ ଭବିଷ୍ୟ ଏଇ ମାଟିର ।
କାଲି ସକାଳର ସୂର୍ଯ୍ୟ ଦେଖିବ
ଶାଣିତ ତରବାରୀରେ ତୁମ ଶିର
ଆଜି ଯିଏ ତୁମ ଅତି ଆପଣାର
କାଲି ନିଷ୍ଚେ ହେବ ସେ ସାତ ପର
ଦେଶ ପରଦେଶ କଥା ନ ବୁଝିବ
ନିଜେ ନିଜ ସ୍ୱାର୍ଥେ ହୋଇବେ ବ୍ୟସ୍ତ
ଦୁଃଖ ଅନାଟନ ଦାରିଦ୍ର୍ୟ ତାଡନା
କରିବ ଜନଜୀବନକୁ ତ୍ରସ୍ତ
ମନେ ରଖିଥାଅ ହେ ବୀର ଭାରତ
ଏ ସବୁରେ ଥିବ ତୁମର ହସ୍ତ ।
ମୁଁ ରହିବିନି ତୁମେ ରହିବନି
ରହିଯିବ କଥା କାଳକାଳକୁ,
କହୁଥିବେ ଜନେ ଥିଲେ କାଳେ ଏଠି
ବୀର ଭାରତୀର କେତେ ସୁପୁତ୍ର ।

ଡା ଜ୍ୟୋତି ପ୍ରସାଦ ପଟନାୟକ

Please help us serve you better, please advertise with us and reach the Global Odia Community. Each month our website is visited by hundreds of Odia people from all over the world and they download the latest issue of this magazine “Aahwaan”. This magazine can provide you a better medium to propagate your own message. Trust us and send your advertisements on this e-Magazine as well as our website. The download page of our website is visited by thousands of readers of Aahwaan, every month and we provide space for advertisements in the page at cheap rates. Please visit our website for the Tariff card and other details: http://aahwaan.5gbfree.com/adwu.html Here we provide you the rates for putting ads on this magazine.

| | |
|---|---|
| *Small Column (Example: Page 9):* | Rs 300.00 |
| *Small Column (Example: Page 14):* | Rs 400.00 |
| *Quarter Page:* | Rs 700.00 |
| *Half Page:* | Rs 1200.00 |
| *Full Page:* | Rs 2500.00 |
| *Banner at top: (Example: Page 16)* | Rs 500.00 |

Please Support us. The revenue generated by putting ads in the magazine will help make this magazine much more attractive, better and with more interesting articles from renowned writers. We can also improve our website, by buying our own webspace and name. Please help us.

ଆମ ସହ ଯୋଗାଯୋଗର ଠିକଣା:

ଡା ଜ୍ୟୋତି ପ୍ରସାଦ ପଟନାୟକ,

ଏମ୍‌ବିବିଏସ୍, ଡିଏମ୍‌ସିଏଚ୍

ସଂପାଦକ, 'ଆହ୍ୱାନ'

ବୀମା ନଗର, ଆମ୍ବପୁଆ ମେଇନ୍‌ରୋଡ୍

ବ୍ରହ୍ମପୁର, ୭୬୦୦୧୦, ଓଡିଶା

ଫୋନ୍: ୦୬୮୦-୩୨୯୬୫୩୨

ମୋବାଇଲ: ୯୮୬୧୯୬୨୧୬୦

ଡା ଜ୍ୟୋତି ପ୍ରସାଦ ପଟନାୟକଙ୍କ ପ୍ରତ୍ୟକ୍ଷ୍ୟ ତତ୍ତ୍ୱାବଧାନରେ ସଂପାଦିତ ଓ ପ୍ରକାଶିତ